ନିର୍ଭୀକ ଆମ
PRGI. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

● Vol -1 ● Issue - 18 ● September 01 - 15, 2026 ● Bhubaneswar ● Rs. 5 ● Pages - 08 ● Fortnightly
● ଭାଗ-୧ ● ସଂଖ୍ୟା-୧୮ ● ସେପ୍ଟେମ୍ବର ୦୧- ୧୫, ୨୦୨୬ ● ଭୁବନେଶ୍ୱର ● ମୂଲ୍ୟ ୫.୦୦ ଟଙ୍କା ● ପୃଷ୍ଠା ସଂଖ୍ୟା -୦୮ ● ପାକ୍ଷିକ

# ସମବାୟ Policy ପାଇଁ ୫ ମହାମେଳି, ନୂଆ Act ପାଇଁ ଖାଲି

## ଅମିତ ଶାହଙ୍କୁ ଚିଠି ଲେଖିଲା ନିଖିଳ ଓଡ଼ିଶା ସମବାୟବିତ୍ ସଂଘ

ଭୁବନେଶ୍ୱର: ଓଡ଼ିଶାର ସମବାୟ କ୍ଷେତ୍ରରେ ଏବେ ନୂଆ ଆଇନକୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ସମବାୟ ବିଭାଗ ପକ୍ଷରୁ ନୂଆ ସମବାୟ ଆଇନ ଆଣିବା ପାଇଁ ଘନଘନ ବୈଠକ ଚାଲିଥିବା ଖବର ମିଳୁଛି। ନୂଆ ଆଇନ ଆସିବ, ଏହାକୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟନ କରାଯିବ—ଏହା ନିଶ୍ଚିତ ଭାବେ ସମବାୟ କ୍ଷେତ୍ର ପାଇଁ ଏକ ବଡ଼ ପଦକ୍ଷେପ ହୋଇପାରେ।

ନୂଆ ଆଇନ ଆସିବା ସହ ସାରା ରାଜ୍ୟର PACSରେ ସମବାୟ ପତାକା ଉଡ଼ିବ, ସମବାୟ ଆହୁରି ସଶକ୍ତ ଓ ସ୍ୱାଧୀନ ହେବ—ଏଭଳି ଆଶା ସମବାୟୀଙ୍କ ମନରେ ରହିଛି।

କିନ୍ତୁ ପ୍ରଶ୍ନ ହେଉଛି—ଏହି ନୂଆ ଆଇନ ତିଆରି କରୁଛି କିଏ? ଏବଂ ଏହା କାହା ପାଇଁ ତିଆରି ହେଉଛି?

**Policy ପାଇଁ ୫ଟି ମେଳା, Act ପାଇଁ କାହିଁକି ନୁହେଁ?**

ସମବାୟ Policy ପ୍ରସ୍ତୁତି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୫ଟି ମେଳା କାର୍ଯ୍ୟକ୍ରମ କରାଯାଇ ସମବାୟୀ, ପ୍ରତିନିଧି ଓ ବିଭିନ୍ନ ମହଲର ମତାମତ ନିଆଯାଇଥିଲା। ଆଲୋଚନା, ପରାମର୍ଶ ଓ ମତାମତ ପରେ Policy ପ୍ରସ୍ତୁତ ହୋଇଥିଲା।

ତେବେ ଏବେ ନୂଆ Act ପ୍ରସ୍ତୁତ ହେଉଥିବା ବେଳେ ସମବାୟୀଙ୍କ ପାଇଁ ସେହିଭଳି ଏକ ବ୍ୟାପକ ପରାମର୍ଶ ପ୍ରକ୍ରିୟା କାହିଁକି ନାହିଁ?

PACS ଠାରୁ ଆରମ୍ଭ କରି ଆପେକ୍ସ ସମବାୟ ସଂସ୍ଥା ପର୍ଯ୍ୟନ୍ତ ପ୍ରତିନିଧି, ନିର୍ବାଚିତ ସମବାୟ ନେତୃତ୍ୱ, ପୂର୍ବତନ ସମବାୟ ଅଧିକାରୀ ଏବଂ ଓଡ଼ିଶାର ସମବାୟ ଆଇନ ବିଷୟରେ ଅଭିଜ୍ଞ ବିଶେଷଜ୍ଞଙ୍କ ପରାମର୍ଶ ନେବାରେ ଅସୁବିଧା କେଉଁଠି?

**୫ ଜଣିଆ ମେଳିରେ ହେବ କି ସମବାୟର ଭବିଷ୍ୟତ ନିର୍ଦ୍ଧାରଣ?**

ସମବାୟ ଆଇନ କୌଣସି ସାଧାରଣ ପ୍ରଶାସନିକ ନିୟମ ନୁହେଁ। ଏହା ଲକ୍ଷ ଲକ୍ଷ ସମବାୟୀ, ହଜାର ହଜାର ସମବାୟ ସଂସ୍ଥା ଓ ଗ୍ରାମୀଣ ଅର୍ଥନୀତି ସହ ଜଡ଼ିତ।

ତେଣୁ ଏତେ ବଡ଼ ଆଇନ ପ୍ରସ୍ତୁତି ପ୍ରକ୍ରିୟା ଯଦି ସୀମିତ କିଛି ବ୍ୟକ୍ତିଙ୍କ ବୈଠକ ମଧ୍ୟରେ ସୀମିତ ରହିଯାଏ, ତେବେ ସମବାୟର ତଳସ୍ତରର ସ୍ୱର ଆଇନରେ କିପରି ପ୍ରତିଫଳିତ ହେବ—ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ।

ସମବାୟର ଭାଗ୍ୟ କଣ କେବଳ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନିର୍ଦ୍ଧାରିତ ହେବ?

ଆଇନ ଯଦି ସ୍ପଷ୍ଟ, ସରଳ ଓ ବ୍ୟବହାରିକ ହୁଏ, ତେବେ ନିର୍ବାଚନ, ପରିଚାଳନା, ଅଧିକାର, ଦାୟିତ୍ୱ ଓ ସରକାରୀ ହସ୍ତକ୍ଷେପ ଭଳି ଅନେକ ବିଷୟରେ ଅନାବଶ୍ୟକ ମାମଲା କମିପାରିବ।

> **ଆଇନ୍ ହେବ ନୂଆ, କିନ୍ତୁ ଆଇନ୍ ତିଆରିରେ ସମବାୟୀଙ୍କ ସ୍ୱର କେଉଁଠି?**

ଆଇନ ବହି ନୂଆ ହେଉ, କିନ୍ତୁ ଚିନ୍ତାଧାରା ମଧ୍ୟ ନୂଆ ହେଉ।

ଏବେ ବି ସମୟ ଅଛି। ନୂଆ Act ଚୂଡ଼ାନ୍ତ ହେବା ପୂର୍ବରୁ ସାରା ରାଜ୍ୟର ସମବାୟୀଙ୍କ ମତାମତ ନିଆଯାଉ।

PACS, DCCB, ଆପେକ୍ସ ସଂସ୍ଥା, ସମବାୟ ୟୁନିଅନ, ନିର୍ବାଚିତ ସମବାୟ ପ୍ରତିନିଧି ଏବଂ ଆଇନ ବିଶେଷଜ୍ଞଙ୍କ ସହ ଖୋଲା ଆଲୋଚନା ହେଉ। ଆବଶ୍ୟକ ହେଲେ Draft Act ସାର୍ବଜନୀନ କରି ମତାମତ ଆହ୍ୱାନ କରାଯାଉ।

ଆଇନ ବହି ନୂଆ ହେବା ଜରୁରୀ। କିନ୍ତୁ କେବଳ ବହି ନୂଆ ହେଲେ ହେବ ନାହିଁ—ସେଥିରେ ସମବାୟୀଙ୍କ ଅଧିକାର, ସ୍ୱାୟତ୍ତତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପୃଷ୍ଠା ମଧ୍ୟ ବଢ଼ିବା ଦରକାର।

**Policy ନୁହେଁ, Act ହିଁ କୋର୍ଟରେ ଚ୍ୟାଲେଞ୍ଜ ହୁଏ**

ସବୁଠାରୁ ବଡ଼ କଥା—Policy ନୁହେଁ, Act ହିଁ ଆଇନଗତ ଚ୍ୟାଲେଞ୍ଜର ମୁଖ୍ୟ ଆଧାର ହୁଏ। ତେଣୁ Act ତିଆରି ସମୟରେ ଯେତେ ଅଧିକ ଆଲୋଚନା, ଆଇନଗତ ପରୀକ୍ଷା ଓ ଅଭିଜ୍ଞତାର ସମନ୍ୱୟ ହେବ, ଭବିଷ୍ୟତରେ ଆଇନ ସେତେ ଦୃଢ଼ ହେବ।

**କେରଳ ଉଦାହରଣ ଦେଉଛି ଆଉ ଏକ ପ୍ରଶ୍ନ**

ସମବାୟ ଆଇନର ବ୍ୟାପକତା ଓ ବିସ୍ତୃତ ନିୟମାବଳୀ ନେଇ କେରଳର ଉଦାହରଣ ଅନେକ ସମୟରେ ଦିଆଯାଏ। କେରଳର ସମବାୟ ଆଇନ ବହି ପ୍ରାୟ ୧୦୦୦ ପୃଷ୍ଠା ପର୍ଯ୍ୟନ୍ତ ବିସ୍ତୃତ ଥିବାବେଳେ, ଓଡ଼ିଶାର ଆଇନ ବହି ପ୍ରାୟ ୩୦୦ ପୃଷ୍ଠାରେ ସୀମିତ—ଏହି ତୁଳନା ମଧ୍ୟ ଚର୍ଚ୍ଚାର ବିଷୟ।

ପୃଷ୍ଠା ଅଧିକ ହେଲେ ଆଇନ ଭଲ ହେବ, ଏହା ନୁହେଁ। କିନ୍ତୁ ସମବାୟର ବିଭିନ୍ନ ଦିଗକୁ ଯଦି ଆଇନରେ ସ୍ପଷ୍ଟ ଭାବେ ସ୍ଥାନ ଦେବାକୁ ହୁଏ, ତେବେ ଆବଶ୍ୟକ ହେଲେ ପୃଷ୍ଠା ବଢୁ—କିନ୍ତୁ ଅସ୍ପଷ୍ଟତା ନ ରହୁ।

**ଶେଷ ପ୍ରଶ୍ନ—ଆଇନ କାହା ପାଇଁ?**

ସରକାର ପାଇଁ?

ଅଧିକାରୀଙ୍କ ପାଇଁ?

ନା ସମବାୟୀଙ୍କ ପାଇଁ?

ଯଦି ଆଇନ ସମବାୟୀଙ୍କ ପାଇଁ, ତେବେ ଆଇନ ତିଆରି ସମୟରେ ସମବାୟୀଙ୍କ ସ୍ୱର ମଧ୍ୟ ଶୁଣାଯିବା ଦରକାର।

ନୂଆ Act ଆସୁ—କିନ୍ତୁ ୫ ଜଣିଆ ବୈଠକରେ ନୁହେଁ, ସାରା ସମବାୟ ପରିବାରର ମତାମତ ନେଇ।

ସମବାୟ ସ୍ୱାଧୀନତାର ପତାକା PACSରେ ଉଡୁ—କିନ୍ତୁ ସେହି ପତାକାର ରଙ୍ଗରେ ସମବାୟୀଙ୍କ ମତାମତ ମଧ୍ୟ ଥାଉ।

## ଭାରତକୁ ଏକ ସକ୍ରିୟ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ପଡିବ: ଅମିତ ଶାହ

ନୂଆଦିଲ୍ଲୀ: ନୂଆଦିଲ୍ଲୀରେ ଦୁଇ ଦିନିଆ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ (ଏନ୍‌ଏସ୍‌ଏସ୍‌ସି)ର ଶେଷ ଅଧିବେଶନରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ଭାରତକୁ ଏକ ସକ୍ରିୟ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ପଡିବ ଯାହା ୧୫ରୁ ୨୦ ବର୍ଷ ପୂର୍ବରୁ ଉଦୀୟମାନ ବିପଦଗୁଡ଼ିକୁ ଚିହ୍ନଟ କରିବ ଓ ସେଗୁଡ଼ିକୁ ବଡ଼ ଚ୍ୟାଲେଞ୍ଜରେ ପରିଣତ ହେବାରୁ ରୋକିବ। ସେ କହିଛନ୍ତି ଯେ, ସୁରକ୍ଷା ନୀତି କେବଳ ବିଦ୍ୟମାନ ବିପଦଗୁଡ଼ିକର ମୁକାବିଲା କରିବା ଉପରେ ଧ୍ୟାନ ଦେବା ଉଚିତ ନୁହେଁ ବରଂ ଅନ୍ତର୍ଜାତୀୟ ଓ ଜାତୀୟ ଧାରାଗୁଡ଼ିକର ଅଧ୍ୟୟନ କରିବା ଉଚିତ ଓ ସମ୍ଭାବ୍ୟ ସମସ୍ୟାଗୁଡ଼ିକ ଦେଖାଦେବା ପୂର୍ବରୁ ସେଗୁଡ଼ିକୁ ପୂର୍ବାନୁମାନ କରିବା ଉଚିତ । ଶାହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଓ ସେହି ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ଆଭ୍ୟନ୍ତରୀଣ ସୁରକ୍ଷା ହେଉଛି ପ୍ରଥମ ସର୍ତ୍ତ। ସେ କହିଛନ୍ତି ଯେ, ଯଦି ଭାରତ ବିଭିନ୍ନ କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ଦେବାକୁ ଚାହେଁ, ତେବେ ତାକୁ ଏକ ଦୃଢ଼ ଓ ସ୍ଥିର ସୁରକ୍ଷା ପରିବେଶ ବଜାୟ ରଖିବାକୁ ପଡିବ। ସେ କହିଛନ୍ତି ଯେ, ଏନ୍‌ଏସ୍‌ଏସ୍‌ସି ଆଗାମୀ ୧୫ ରୁ ୨୦ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଧାରା ଅଧ୍ୟୟନ କରିବା ଉଚିତ ।

## ସମବାୟ ଉବାଚ



ମହାମହ ବାସେ ସମବାୟ ଦୁର୍ନୀତି,
ଗରିବ ମାଇପ ଶାଳୀ !
ପକେଟ୍‌ଟା ପୁରା ଗରମ କରନ୍ତି,
ପଡୁ ପଛେ ଭାଇ ବଳି !

ସତ କହିବାକୁ କେହି ନାହାନ୍ତି,
ସବୁ ଚୁପ୍‌ଚାପ୍ ଭାଇ...
ଆଗରେ ନୀତି, ପଛରେ ପ୍ରୀତି,
ପକେଟ୍ ଗରମ—କାମ ସରିଲା ଭାଇ !

ଦୁର୍ନୀତି ଯଦି ହୁଏ ରାଜନୀତି,
ତଦନ୍ତ ହୁଏ ଦେଖାଣି...
ରିପୋର୍ଟ ଆଗରୁ ତିଆରି ହୋଇଯାଏ,
ତଦନ୍ତ ଖୋଜେ କେବଳ କାହାଣୀ !

## କୃଷିର ବିକାଶରେ ଏଫ୍‌ଆଇସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାରେ ପ୍ରତିଷ୍ଠା ହେବ ବିଶ୍ୱର ଦ୍ୱିତୀୟ ଏଫ୍‌ଆଇସି (ଫର୍ଟିଲାଇଜର୍ ଇନୋଭେସନ୍ ସେଣ୍ଟର) ଏବଂ ଫର୍ଟିଲାଇଜର୍ ଏକାଡେମୀ। ଏହି ଏକାଡେମୀ ପ୍ରତିଷ୍ଠା ହେଲେ ରାଜ୍ୟରେ କୃଷି କ୍ଷେତ୍ରରେ ନବସୃଜନ ନିମନ୍ତେ ପଥ ପ୍ରଶସ୍ତ ହେବ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଆଜି ଏଫଆଇସିର ପ୍ରତିନିଧିମାନେ ସାକ୍ଷାତ କରି ଏହି ସମ୍ପର୍କରେ ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରତିନିଧିମାନଙ୍କ ସହ ଆଲୋଚନା ଅବସରରେ ଓଡ଼ିଶାରେ କୃଷି କ୍ଷେତ୍ରରେ



ରସାୟନିକ ସାରର ବ୍ୟବହାର ହ୍ରାସ କରିବା ସହ ଜୈବିକ କୃଷିକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ଓ କୃଷକମାନଙ୍କ ସମସ୍ୟାର ନିରନ୍ତର ସମାଧାନ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଉଲ୍ଲେଖ କରିଥିଲେ। ଏହି ଅବସରରେ ଓଡ଼ିଶାରେ କୃଷକମାନଙ୍କୁ ସମର୍ଥନ ଦେବା ନିମନ୍ତେ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ସହ ରାଜ୍ୟରେ ନିରନ୍ତର କୃଷି ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାରର ଉପଯୁକ୍ତ ଏବଂ ଯଥାଯଥ ବ୍ୟବହାର କରି ମୃତ୍ତିକାର ଗୁଣବତ୍ତା ଓ ପୁଷ୍ଟିସାର ପରିଚାଳନା ସୁନିଶ୍ଚିତ କରିବା ଉପରେ ଏଫ୍‌ଆଇସି ଗୁରୁତ୍ୱ ଦେଇଥାଏ ବୋଲି ପ୍ରତିନିଧିମାନେ ଉଲ୍ଲେଖ କରିଥିଲେ। ଆଲୋଚନା ସମୟରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିସନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍‌ସେନାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।







### ନୟାଗଡ଼ରୁ 'ସୁଭଦ୍ରା'ର ପଞ୍ଚମ କିସ୍ତି ପ୍ରଦାନ

# ୧ କୋଟି ୩ ଲକ୍ଷ ଆକାଉଣ୍ଟକୁ ଗଲା ୫,୧୬୩କୋଟି ଟଙ୍କା

ଭୁବନେଶ୍ୱର: ନୟାଗଡ଼ ଜିଲ୍ଲାରୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ହିତାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହି କିସ୍ତିରେ, ୧କୋଟି ୩ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ୫୧୬୩ କୋଟି ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମାଝି ନିଜ ବକ୍ତବ୍ୟରେ କହିଛନ୍ତି, ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି । ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ସେ ପ୍ରକାଶ କରିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି।



୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି । ମହିଳାଙ୍କ ବିକାଶ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ରାଜ୍ୟ ଓ କନ୍ଦ୍ରେ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ମହିଳା ଉଦ୍ୟୋଗୀ ଭିତ୍ତିଭୂମି, ୨୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ, କନ୍ୟାବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟ୍‌ରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ କରାଯାଇଛି।

ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏବଂ ସୁଭଦ୍ରା ସମୀକ୍ଷା ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଏବଂ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ ମୃଣାଳିନୀ ଦର୍ସ୍ୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସାର କଳାବଜାରୀ କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟରେ ସାର ଯୋଗାଣ ବ୍ୟବସ୍ଥାକୁ ନେଇ ସରକାର କଡ଼ା ନଜର ରଖିଥିବା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଚଳିତ ବର୍ଷ ଏଯାବତ୍ କୃଷି ବିଭାଗ ପକ୍ଷରୁ ୨ ଲକ୍ଷ ୭୬ ହଜାର ୯୭୩ ଟନ୍ ସାର ଯୋଗାଇ ଦିଆଯାଇଛି। ସେହିପରି ସମବାୟ ବିଭାଗ ପକ୍ଷରୁ ପ୍ୟାକ୍ସ ଓ ଲ୍ୟାମ୍ପସଗୁଡ଼ିକୁ ୨ ଲକ୍ଷ ୪୮ ହଜାର ୬୭୬ ଟନ୍ ସାର ଯୋଗାଣ ହୋଇଥିବା ବେଳେ ଆହୁରି ୨୮ ହଜାର ୨୯୭ ଟନ୍ ସାର ମହଜୁଦ ରହିଛି।ଆଗାମୀ ଦିନରେ କୃଷି ବିଭାଗ ପକ୍ଷରୁ ଆହୁରି ୩ ଲକ୍ଷ



୨୦ ହଜାର ଟନ୍ ସାର ଯୋଗାଇ ଦିଆଯିବ। ପୂର୍ବରୁ ସମବାୟ ବିଭାଗକୁ ୩୫ ପ୍ରତିଶତ ସାର ଦିଆଯାଉଥିବା ବେଳେ ଏବେ ଏହାକୁ ୬୦ ପ୍ରତିଶତକୁ ବଢ଼ାଯାଇଛି। ସାର କଳାବଜାରୀ ରୋକିବା ପାଇଁ ରାଜ୍ୟ ଓ ଜିଲ୍ଲାସ୍ତରରେ କମିଟି ଗଠନ ହୋଇଛି। ଏହି କମିଟିଗୁଡ଼ିକ ସାରର ଯୋଗାଣ ଓ ବିକ୍ରି ଉପରେ ନଜର ରଖୁଛନ୍ତି। କଳାବଜାରୀରେ କେହି ଧରାପଡ଼ିଲେ ତାଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।ଅନ୍ୟପଟେ, ସରକାରୀ ସାରକୁ ଗଞ୍ଜେଇ ଚାଷରେ ବ୍ୟବହାର କରାଯାଉଥିବା ଅଭିଯୋଗକୁ ନେଇ ମଧ୍ୟ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଧାନ ଚାଷ ପାଇଁ ନିଆଯାଇଥିବା ସାର ଗଞ୍ଜେଇ ଚାଷରେ ବ୍ୟବହାର କରୁଥିବା ଜଣାପଡ଼ିଲେ ସମ୍ପୃକ୍ତ ଚାଷୀଙ୍କୁ ଆଉ ସରକାରୀ ସାର ଯୋଗାଇ ଦିଆଯିବ ନାହିଁ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ସାରର ଅପବ୍ୟବହାର ରୋକିବାକୁ କୃଷି ଓ ସମବାୟ ବିଭାଗ ମିଳିତ ଭାବେ ତଦନ୍ତ କରିବ।

## ପଞ୍ଜୀକରଣ ପାଇଁ ସର୍ଭର ଡାଉନ: ରାତିରେ ଲ୍ୟାମ୍ପସରେ ଭିଡ଼

ନବରଙ୍ଗପୁର: ଖରିଫ ଧାନ ମଣ୍ଡି ୨୦୨୬-୨୭ ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଅବଧି ୩୧ ତାରିଖ ରାତି ୧୨ଟାରେ ଶେଷ ହେବ। ସରକାର ସବୁ ଡିଇଓଙ୍କ ଛୁଟି ବାତିଲ କରିବା ସହ ଚାଷୀମାନେ ଲ୍ୟାମ୍ପସ୍ ଆଦିରେ ପଞ୍ଜୀକରଣ ପାଇଁ ଯେତେ ସମୟ ରହିବେ ସେତେ ସମୟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଖାଇବା ଛୁଟିକୁ ମଧ୍ୟ ବାତିଲ କରିଛନ୍ତି। ଫଳରେ ଦିନ ରାତି ପଞ୍ଜୀକରଣ ଚାଲିଛି। ଶନିବାର ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଚାଷୀମାନେ ବିଭିନ୍ନ ଲ୍ୟାମ୍ପସରେ ଖାଇବା ପିଇବା ଛାଡ଼ି ପଞ୍ଜୀକରଣ ପାଇଁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଚାଷୀ ଓ ଚାଷୀ ପ୍ରତିନିଧିମାନେ ତାରିଖ ବୃଦ୍ଧି କରିବାକୁ ଦାବି କରିଛନ୍ତି।

ଜିଲ୍ଲାରେ ଗତ ୨୦୨୫-୨୬ ଖରିଫ ଋତୁରେ ୫୦,୯୧୯ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ଖରିଫରେ ଧାନବିକ୍ରୀ ପାଇଁ ଆଜି ସଂଧ୍ୟା ୬ଟା ସୁଦ୍ଧା ୩୫,୪୩୫ଚାଷୀ ପଞ୍ଜୀକରଣ କରିବାକୁ ସକ୍ଷମ ହୋଇଥିବା ବେଳେ ୩୪,୪୧୧ଜଣଙ୍କର ଏଥି ମଧ୍ୟରୁ ଫାର୍ମର କୋଡ ରହିଛି। ପଞ୍ଜୀକରଣ ପାଇଁ ସର୍ଭର ଡାଉନ, ଏଗ୍ରୀଷ୍ଟିକ୍ ଓଇଣ୍ଟରନେଟ୍ ବାଧକ ସାଜିଛି। ଏହାରି ମଧ୍ୟରେ ୭୦ପ୍ରତିଶତ ପଞ୍ଜିକରଣ ସରିଛି। ବଳକା ୧୫,୪୮୪ସଂଖ୍ୟକ ଚାଷୀଙ୍କ ପୁନଃ ନବୀକରଣ ଆସନ୍ତା ଦିନକରେ ହୋଇ ପାରିବ କି ବୋଲି ପ୍ରଶ୍ନ ସୃଷ୍ଟି କରିଛି।

ଜିଲ୍ଲାର ୧୩ ଗୋଟି ଲ୍ୟାମ୍ପ ମଧ୍ୟରୁ ସର୍ବାଧିକ ଚନ୍ଦାହାଣ୍ଡି ଲ୍ୟାମ୍ପରେ ୪୬୪୯ ଓ ସର୍ବନିମ୍ନ ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସରେ ୧୬୮୯ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଅଞ୍ଚଳଗୁମ୍ମାରେ ୨୫୯୧, ଡାବୁଗାଁରେ ୧୯୧୭, କୋଡିଙ୍ଗାରେ ୨୩୨୨, ଝରିଗାଁରେ ୨୫୭୫, କୋଷାଗୁମୁଡାରେ୨୮୬୩, ନବରଙ୍ଗପୁରରେ ୩୨୩୬, ମୈଦଲପୁରରେ ୨୫୪୨, ଉମରକୋଟରେ ୨୭୭୩, ରାଇଘରରେ ୨୬୦୫, ନନ୍ଦାହାଣ୍ଡିରେ ୩୦୬୭ ଓ ପାପାଡାହାଣ୍ଡିରେ ୨୫୮୬ଚାଷୀଙ୍କ ପଞ୍ଜିକରଣ ହୋଇଛି। ସରକାର ପଞ୍ଜୀକରଣ ପାଇଁ ତାରିଖ ବୃଦ୍ଧି



ଘୋଷଣା କରିଥିବା ଚିଠି କିଛି ପହଚିଂନଥିବା କହିଚନ୍ତି ଡିଆରସିଏସ୍ ଅନିଲ ପାଣିଗ୍ରାହୀ। ତେବେ କିଛି ଟିଭି ଗଣମାଧ୍ୟମରେ ୭ଦିନ ବୃଦ୍ଧି ସମ୍ପର୍କରେ ସେ ସୂଚନା ପାଇଛନ୍ତି। ଅପରପକ୍ଷରେ ଗତ ବର୍ଷ ଜିଲ୍ଲାରେ ଏସଏଚଜି ଗ୍ରୁପ୍ ଗୁଡିକ ସାମିଲ ରହି ପଞ୍ଜୀକରଣରେ କିଛି ଅନିମିୟତତା କରିଥାଇପାରନ୍ତି। ତେଣୁ ଏତେ ସଂଖ୍ୟକ ବୃଦ୍ଧି ପାଇଥିଲା। ଏଥରକ ଲ୍ୟାମ୍ପସ ମାନେ ପଞ୍ଜୀକରଣ କରୁଥିବାରୁ ପ୍ରକୃତ ଚାଷୀ ହିଁ ପଞ୍ଜିକରଣ ହେଉଛି। ଅପରପକ୍ଷରେ ଭାଗଚାଷୀ ଓ ପୂର୍ବପୁରଷଙ୍କ ନାଁରେ ଜମିର ମାଲିକାନାସତ୍ତ୍ୱ ଥିବା ଚାଷୀଙ୍କ ପାଇଁ ଏଗ୍ରିଷ୍ଟିକ ସମସ୍ୟା ଉପୁଜାଉଥିବା ବହୁ ଚାଷୀ କହିଛନ୍ତି। ଯଦିଓ ସରକାର ଏଗ୍ରିଷ୍ଟିକକୁ ବାଦ୍ ଦେବାକୁ କହିବା ପରେ ବି କିଛି ଲ୍ୟାମ୍ପସ୍ ମାନୁନଥିବା ଅଭିଯୋଗ ହୋଇଛି। ତା ସହ କୃଷିବିଭାଗର ଗ୍ରାମସେବକମାନେ ଲ୍ୟାମ୍ପସରେ ପଞ୍ଜିକରଣ ବେଳେ ଉପସ୍ଥିତ ରହି ଏହା କରିବାକୁ ବାଧ୍ୟ କରୁଛନ୍ତି। ଏଥି ପାଇଁ ପଞ୍ଜୀକରଣ କମିଛି ବୋଲି ଚାଷୀ ପ୍ରତିନିଧି କହୁଛନ୍ତି।

### ଖରିଫ ଧାନ ବିକ୍ରୀ

### ପଞ୍ଜୀକରଣରୁ ବଞ୍ଚିତ ଚାଷୀ

ନବରଙ୍ଗପୁର: ନବରଙ୍ଗପୁର ଜିଲାରେ ୨୦୨୬-୨୭ ଖରିଫ ଧାନମଣ୍ଡି ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ପଞ୍ଜୀକରଣର ଶେଷ ତାରିଖ ଅଗଷ୍ଟ ୩୧ ଥିବାବେଳେ ଅବଧି ଶେଷହେବାକୁ ଆଉ ମାତ୍ର ୨ ଦିନ ବାକି। ଏପର୍ଯ୍ୟନ୍ତ ଜିଲାର ପ୍ରାୟ ଅଧାଚାଷୀ ପଞ୍ଜୀକରଣରୁ ବଞ୍ଚିତ ଅଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଚାଷୀ ପଞ୍ଜୀକରଣ କରିପାରିବେ କି ନାହିଁ, ତାହାକୁ ନେଇ ଆଶଙ୍କା ବଢ଼ିଛି। ୨୦୨୫-୨୬ ଖରିଫ ଋତୁରେ ଜିଲାର ୫୦,୯୧୯ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଅଗଷ୍ଟ ୨୬ ସୁଦ୍ଧା ମାତ୍ର ୨୪,୩୬୧ (୪୭.୮୪%) ଚାଷୀ ପଞ୍ଜୀକରଣ କରିଛନ୍ତି। ତେବେ ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୨୭,୩୦୦ରେ ପହଞ୍ଚିଛି। ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ୍‌ସରେ ସର୍ବାଧିକ ୭୩.୬୬% ଚାଷୀ ପଞ୍ଜୀକରଣ କରିଥିବା ବେଳେ କୋଷାଗୁମୁଡାରେ ସର୍ବନିମ୍ନ ୩୦.୬୧% ପଞ୍ଜୀକରଣ ହୋଇଛି। ଚନ୍ଦାହାଣ୍ଡିରେ ୬୪.୭୩, ଝରିଗାଁ ୬୩.୯୦, ଅଞ୍ଚଳଗୁମ୍ମା ୬୧.୧୫, କୋଡ଼ିଙ୍ଗା ୫୯.୦୮, ପାପଡ଼ାହାଣ୍ଡି ୫୦.୬୯, ମଇଦଲପୁର ୪୮.୬୨, ଡାବୁଗାଁ ୪୩.୩୨, ନନ୍ଦାହାଣ୍ଡି ୪୨.୫୬, ନବରଙ୍ଗପୁର ୪୧.୨୪, ରାଇଘର ୩୮.୮୭ ଏବଂ ଉମରକୋଟରେ ୩୭.୪୧ ପ୍ରତିଶତ ଚାଷୀ ପଞ୍ଜୀକରଣ କରିଛନ୍ତି। ଅନେକ ସ୍ଥାନରେ ସର୍ଭର ଡାଉନ୍ ସମସ୍ୟା ଯୋଗୁ ପଞ୍ଜୀକରଣ ବାଧାପ୍ରାପ୍ତ ହେଉଛି। ଫଳରେ ସକାଳଠାରୁ ରାତି ପର୍ଯ୍ୟନ୍ତ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟଗୁଡ଼ିକରେ ଚାଷୀଙ୍କ ପ୍ରବଳ ଭିଡ଼ ଲାଗିରହୁଛି। ସରକାର ଘୋଷଣା କରିଥିବା ୭୮ଟି ନୂତନ ଲ୍ୟାମ୍ପ୍‌ସ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ପୁରୁଣା ୧୩ଟି ଲ୍ୟାମ୍ପ୍‌ସ ଉପରେ ସମସ୍ତ ଚାଷୀ ନିର୍ଭର କରୁଛନ୍ତି। ଏହା ପଞ୍ଜୀକରଣ ପ୍ରକ୍ରିୟାକୁ ଧିମା କରିଥିବା ଅଭିଯୋଗ ହୋଇଛି। ଅବଶିଷ୍ଟ ଚାଷୀଙ୍କ ପାଇଁ ପଞ୍ଜୀକରଣ ଅବଧି ବୃଦ୍ଧି କରାଯିବ କି ନାହିଁ, ତାହା ଏବେ ଚାଷୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

## ବରଗଡ଼ରେ PACS ସଭାପତି ମହାସଂଘର ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ




ବରଗଡ଼: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼ ଠାରେ ଜିଲ୍ଲା ପ୍ରାଥମିକ କୃଷି ସମବାୟ ସମିତି (**PACS**) ସଭାପତି ମହାସଂଘର ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ **PACS**ର ସଭାପତିମାନେ ଯୋଗଦେଇ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା, ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା, ସମବାୟ ସମିତିଗୁଡ଼ିକର ସ୍ୱଚ୍ଛ ଓ ସୁଦୃଢ଼ ପରିଚାଳନା ସହ ସଂଗଠନକୁ ତୃଣମୂଳସ୍ତରରେ ଅଧିକ ମଜବୁତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହ ଜିଲ୍ଲାର **PACS** ସଭାପତିମାନଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ବୃଦ୍ଧି କରି ସମବାୟ କ୍ଷେତ୍ରର ବିକାଶ ଏବଂ ଚାଷୀଙ୍କ ହିତରେ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଉପସ୍ଥିତ ସଭାପତିମାନେ ସମବାୟ କ୍ଷେତ୍ରକୁ ଅଧିକ ଜନମୁଖୀ, ସ୍ୱଚ୍ଛ ଓ ଦାୟିତ୍ୱଶୀଳ କରିବା ପାଇଁ ଏକତ୍ରିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ ।

## ପୁରୀରେ ସମବାୟ କର୍ମଚାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ପୁରୀ: ଓଡ଼ିଶା ରାଜ୍ୟ ୟୁନିୟନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ସମବାୟ ତାଲିମ କେନ୍ଦ୍ର ପକ୍ଷରୁ ପୁରୀ ସମବାୟ କର୍ମଚାରୀଙ୍କ ପାଇଁ ଏକଦିନିକିଆ ପ୍ରଶିକ୍ଷଣ ଶିବର ପୁରୀରେ ଆୟୋଜିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ୟୁନିୟନର ସମ୍ପାଦକ ଶ୍ରୀମତୀ ସୁନିତା ପତି ଓ **DRCS**ଙ୍କ ତତ୍ତ୍ୱାବଧାନ ପରିଚାଳିତ ହୋଇଥିଲା । **"Credit Appraisal & Recovery Management"** ଉପରେ ଏକଦିନିଆ ପ୍ରଶିକ୍ଷଣ ଶିବିରରେ ୬୦ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଆର୍ଥିକ ବର୍ଷ ୫ ମାସ ବିତିଯାଇଥିଲେ ସୁଧା **RCS**, ଓଡିଶାଙ୍କ କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ପାଇଁ ରାଜ୍ୟ ସମବାୟ ବିଭାଗ ତରଫରୁ **Grant-in-Aid** ମିଳିବାରେ ବିଳମ୍ବ ହେଉଥିବା ଜଣାପଡିଛି । ପ୍ରତିମାସରେ ରାଜ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ ବୋଲି ୟୁନିଅନର ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀ କହିଥିଲେ ।

## କଳାହାଣ୍ଡିରେ ସମବାୟ ବିଭାଗର ସମୀକ୍ଷା ବୈଠକ




କଳାହାଣ୍ଡି: କଳାହାଣ୍ଡି ଜିଲ୍ଲାରେ ସମବାୟ ବିଭାଗର କାର୍ଯ୍ୟଧାରା ନେଇ ଜିଲ୍ଲାପାଳ ତଥା ସମ୍ପୃକ୍ତ ଅଧିକାରୀମାନଙ୍କ ସହ ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଏହି ବୈଠକରେ ମୁଖ୍ୟତଃ— ଚାଷୀ ପଞ୍ଜୀକରଣ, ସମବାୟ ସମିତିର କାର୍ଯ୍ୟ ପରିସର ବୃଦ୍ଧି କାର୍ଯ୍ୟଦକ୍ଷତା, ସେବାର ଗୁଣବତ୍ତା ବୃଦ୍ଧି ଚାଷୀଙ୍କୁ ଅଧିକ ସୁବିଧା ଓ ସେବା ପ୍ରଦାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।

ଚାଷୀଙ୍କ ହିତରେ ସମବାୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଦକ୍ଷ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବ ।

## ଖର୍ଚ୍ଚ ହୋଇନି କୋଟି କୋଟି ଟଙ୍କା

**ଆଳୁ ମିଶନ ଫେଲ୍**

ଭୁବନେଶ୍ୱର: ରାଜ୍ୟରେ କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଆଳୁ ଚାହିଦା ମେଣ୍ଟାଇବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୪-୧୫ରେ 'ଆଳୁ ମିଶନ' ଆରମ୍ଭ ହୋଇଥିଲା । ଏହାର ଉଦ୍ଦେଶ୍ୟ ରହିଥିଲା ଓଡ଼ିଶାରେ ଆଳୁ ଉତ୍ପାଦନ ବଢ଼ାଇବା ସହିତ ରାଜ୍ୟକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭର କରିବା । ୨୦୧୫-୧୬ରୁ ଏହା କାର୍ଯ୍ୟକାରୀ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ମିଶନ ପାଇଁ ୫୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିଲା । ଚଳିତ ବଜେଟ(୨୦୨୬-୨୭)ରେ ଏହି ପରିମାଣ ବୃଦ୍ଧି କରାଯାଇ ୩୬୬.୯୦ କୋଟି ଟଙ୍କା କରାଯାଇଛି । ହେଲେ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଗୋଟିଏ ବି ଟଙ୍କା ଖର୍ଚ୍ଚ ହୋଇନାହିଁ । ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କଠାରୁ ଆରମ୍ଭକରି ଓଏଏସ୍ ଅଧିକାରୀଙ୍କ ସହ ଯନ୍ତ୍ରୀ ଓ ଅନ୍ୟାନ୍ୟ ବର୍ଗର ଅଧିକାରୀ ଏବଂ କର୍ମଚାରୀ ରହିଛନ୍ତି । ସେମାନଙ୍କ ପାଇଁ ଗାଡ଼ି, ଗସ୍ତଖର୍ଚ୍ଚଠାରୁ ଆରମ୍ଭକରି ବିଦେଶ ଭ୍ରମଣ ପର୍ଯ୍ୟନ୍ତ ଶହ ଶହ କୋଟି ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ ହେଉଛି । ହେଲେ ସରକାରୀ ଯୋଜନା କାର୍ଯ୍ୟକାରୀ ବେଳକୁ ସେମାନଙ୍କ ପାଉ ନାହିଁ । ଏଭଳି କେତେକ ଘଟଣାକୁ ନେଇ ନିକଟରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବିରକ୍ତି ପ୍ରକାଶ କରିଥିଲେ । ରାଜ୍ୟରେ କାହିଁକି ଅଧିକ ଶୀତଳଭଣ୍ଡାର ସୃଷ୍ଟି ହୋଇପାରୁନାହିଁ ତାକୁ ନେଇ ଅଧିକାରୀଙ୍କ ଉପରେ ବର୍ଷିଥିଲେ । ଯେଉଁଥିରେ ଆଳୁ ମିଶନ ସହିତ ଅନ୍ୟ କେତେକ ଯୋଜନାରେ ଜୁଲାଇ ସୁଦ୍ଧା ଗୋଟିଏ ବି ଟଙ୍କା କାର୍ଯ୍ୟକାରୀ ହୋଇ ନ ଥିବା ନିକଟରେ ଉଦ୍ୟାନ ବିଭାଗ ସମୀକ୍ଷା ବୈଠକରୁ ଜଣାଯାଇଛି । ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ କୃଷି ବଜେଟରେ ଆଳୁ ମିଶନ ସହିତ ଅନ୍ୟ ୭ଟି ଯୋଜନାରେ ଜୁଲାଇ ଶେଷ ସୁଦ୍ଧା ଗୋଟିଏ ବି ଟଙ୍କା ଖର୍ଚ୍ଚ ହୋଇନାହିଁ । ଆଳୁ ମିଶନ ସହିତ ପରିବା ଏବଂ ମସଲା ମିଶନ ଲାଗି ସରକାରଙ୍କ ପକ୍ଷରୁ ବଜେଟରେ ୩୬୬.୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା । ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ଗୁଡ଼ିକୁ ଛତୁଚାଷ ଏବଂ ଫୁଲଚାଷ ପାଇଁ ପ୍ରୋତ୍ସାହନ ଦେବା ଲାଗି ବଜେଟରେ ୫୭ କୋଟିର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଗୋଟିଏ ବି ଟଙ୍କା ଖର୍ଚ୍ଚ ହୋଇ ନ ଥିବାବେଳେ ଭିତ୍ତିଭୂମି ବାବଦକୁ ଥିବା ୧୦ କୋଟି, କୃଷି ଉତ୍ପାଦକ ସଙ୍ଗଠନ ପାଇଁ ୫ କୋଟି, ଶୀତଳଭଣ୍ଡାର ଲାଗି ୬୩ କୋଟି, ସାର ଓ ଅନ୍ୟାନ୍ୟ କୀଟନାଶକ ପାଇଁ ଚାଷୀଙ୍କ ରିହାତି ବାବଦକୁ ୧୫.୩୦ କୋଟି ଏବଂ ଉଦ୍ୟାନ କୃଷି ମିଶନର ୧୨.୫୧ କୋଟି ଭଳି ଅନ୍ୟାନ୍ୟ ଯୋଜନାର ଅର୍ଥ ମଧ୍ୟ ଖର୍ଚ୍ଚ ହୋଇ ନ ଥିବା ରିପୋର୍ଟରୁ ଜଣାଯାଇଛି । ତେବେ ବ୍ଲକସ୍ତରରେ ଥିବା ବିଭିନ୍ନ ନର୍ସରୀ ଓ ବିକ୍ରୟ କେନ୍ଦ୍ର ପାଇଁ ବଜେଟରେ ବ୍ୟବସ୍ଥା ହୋଇଥିବା ୧୪.୫୦ କୋଟିରୁ ୩୩.୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଉଦ୍ୟାନ କୃଷି ବିଭାଗର ପ୍ରାୟ ୧୫ଟି ଯୋଜନା ଲାଗି ବଜେଟରେ ପ୍ରସ୍ତୁତ ହୋଇଥିବା ୭୮୭କୋଟି ୪୧ଲକ୍ଷ ୫୩ହଜାର ଟଙ୍କାରୁ ବିଭାଗ ମାତ୍ର ୩୩.୬୬ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାଯାଇଛି । ସବୁଠାରୁ ବଡ଼କଥା ହେଲା, ରାଜ୍ୟରେ କୃଷକମାନଙ୍କୁ ଆର୍ଥିକ ସଶକ୍ତୀକରଣ କରିବା ସହିତ ସେମାନଙ୍କ ଆୟ ବୃଦ୍ଧି ଲାଗି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରାଯାଇଛି । ହେଲେ ଏପର୍ଯ୍ୟନ୍ତ ବଜେଟ ଅର୍ଥ ଟଙ୍କାଟିଏ ଖର୍ଚ୍ଚ ନ ହେବା କେବଳ ଯେ ବିଭାଗୀୟ ଅଧିକାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଛି ତାହା ନୁହେଁ, କୃଷିକ୍ଷେତ୍ର ଓ କୃଷକଙ୍କ ପାଇଁ ସରକାର ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ସଫଳ ହେବାରେ ଅନ୍ତରାୟ ସୃଷ୍ଟି ହେଉଛି । ବର୍ତ୍ତମାନର ଆଳୁ ଉତ୍ପାଦନ-ଉପଲବ୍ଧତା ସ୍ଥିତି ମଧ୍ୟରେ କେତେ ସଫଳତା ମିଳିଛି ।



## ଗଠନ ହେବ ଜିଲାସ୍ତରୀୟ 'ପାକ୍ସ' ସହାୟତା ପାଣ୍ଠି

ଭୁବନେଶ୍ୱର: ଜିଲାସ୍ତରରେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପ୍ରାଥମିକ କୃଷି ଋଣ ସମବାୟ ସମିତି(ପାକ୍ସ)କୁ କିଭଳି ପୁନରୁଦ୍ଧାର କରାଯାଇ ପାରିବ ସେଥିପାଇଁ ଜିଲାସ୍ତରୀୟ ପାର୍ଶ୍ୱ ସହାୟତା ପାଣ୍ଠି ଗଠନ ହେବ । ଫଳରେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ତଥା ବ୍ୟବହାରଯୋଗ୍ୟ ଜିଲାସ୍ତରୀୟ ସମିତିଗୁଡ଼ିକ ସ୍ୱାବଲମ୍ବୀ ହେବା ସହିତ ୩ ବର୍ଷରେ ନିଜସ୍ୱ ସମ୍ବଳ ସୃଷ୍ଟି କରିପାରିବେ । ଏହି ଲକ୍ଷ୍ୟ ନେଇ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଏକ ମଡେଲ୍‌ମାନବ ସମ୍ବଳ ନୀତି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ । ଏନେଇ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ନେଇ ସମବାୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ଜିଲାସ୍ତରୀୟ ପାକ୍ସର ପୁନରୁଦ୍ଧାର ପାଇଁ ଗଠନ ହେବାକୁଥିବା ପାଣ୍ଠିରୁ ବ୍ୟବସାୟ ବୃଦ୍ଧି ଯୋଜନା ଓ ଆର୍ଥିକ ସ୍ଥିରତା ସହ ଯୋଡ଼ି ସୁଧମୁକ୍ତ କିମ୍ବା ସଫ୍‌ଟ ଋଣ ପ୍ରଦାନ କରାଯିବ । ଏହି ମଡେଲ ନୀତିରେ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ, ପ୍ରୋତ୍ସାହନ, କ୍ୟାରିୟର ଅଗ୍ରଗତି, କର୍ମଚାରୀ କଲ୍ୟାଣ, ପ୍ରଶିକ୍ଷଣ ଏବଂ ଇ-ପାକ୍ସ ପ୍ଲାଟ୍‌ଫର୍ମ ମାଧ୍ୟମରେ ସେବା ରେକର୍ଡର ଡିଜିଟାଲ୍ ରକ୍ଷଣାବେକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି

ଏହି ଡ୍ରାଫ୍‌ଟ ନୀତିରେ ବିଶେଷତ୍ୱ ହେଉଛି, ବ୍ୟବସାୟ ପରିମାଣ ଆଧାରରେ ପାକ୍ସଗୁଡ଼ିକର ବର୍ଗୀକରଣ କରାଯିବ । ଗତ ୩ ବର୍ଷର ମୋଟ୍ ଋଣ ଓ ଅଣ-ଋଣ ବ୍ୟବସାୟର ହାରାହାରି ଆଧାରରେ ସମିତିଗୁଡ଼ିକୁ ଏ' --ପ୍ରସରୁ ଏଫ୍(ଏଫ୍) ପର୍ଯ୍ୟନ୍ତ ୭ଟି ବର୍ଗରେ ବିଭକ୍ତ କରାଯିବ ଏବଂ ପ୍ରତ୍ୟେକ ବର୍ଗ ପାଇଁ ସର୍ବନିମ୍ନ ଷ୍ଟାଫି ମାନଦଣ୍ଡ ନିର୍ଦ୍ଧାରଣ ରହିବ ୧୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରୁଥିବା(ଏ-ପ୍ଲସ) ପାର୍ଶ୍ୱରେ ସର୍ବନିମ୍ନ ୭କର୍ମଚାରୀ ରହିବେ । ସେଥିମଧ୍ୟରେ ସେକ୍ରେଟାରି, ମ୍ୟାନେଜର, ଆକାଉଣ୍ଟାଣ୍ଟ/ଆସିଷ୍ଟାଣ୍ଟ ଏନ୍ କ୍ଲୋର୍, ୨ ଜଣ ସ୍ପେଶିଆଲିଷ୍ଟ ଏବଂ ଦୁଇଜଣ କ୍ଲର୍କ/ଡାଟା ଏଣ୍ଟ୍ରି ଅପରେଟର ରହିବେ । ୫-୧୦ କୋଟି ଟଙ୍କା ବ୍ୟବସାୟ କରୁଥିବା ସମିତିରେ ୬ ଜଣ, ୩-୫ କୋଟିରେ ୫ ଜଣ, ୧—୩ କୋଟିରେ ୪ ଜଣ, ୫୦ ଲକ୍ଷରୁ ୧ କୋଟି ରେ ୩ ଜଣ, ୨୫-୫୦ ଲକ୍ଷ ଟଙ୍କାରେ ସର୍ବନିମ୍ନ ୨ ଜଣ ଏବଂ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରିଥିବା ସମିତିରେ ଅତିକମ୍‌ରେ ୨ କର୍ମଚାରୀ ରହିବେ ।

# ମୁଣ୍ଡ ଟେକୁଛି ଓଡ଼ିଶାର ଶିଳ୍ପ

ଓଡ଼ିଶା ଆଜି ଏକ ନୂଆ ପରିବର୍ତ୍ତନର ସନ୍ଧିକ୍ଷଣରେ ଠିଆ ହୋଇଛି। ଦିନେ ଯେଉଁ ରାଜ୍ୟକୁ ପ୍ରାକୃତିକ ସମ୍ପଦରେ ସମୃଦ୍ଧ କିନ୍ତୁ ଶିଳ୍ପାୟନରେ ପଛୁଆ ବୋଲି କୁହାଯାଉଥିଲା, ସେହି ଓଡ଼ିଶା ଏବେ ଦେଶର ଶିଳ୍ପ ମାନଚିତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାକୁ ଆଗେଇ ଆସୁଛି। ଖଣିଜ ସମ୍ପଦ, ବିଶାଳ ସମୁଦ୍ରତଟ, ଉର୍ବର ଭୂମି, ଦକ୍ଷ ମାନବ ସମ୍ପଦ ଓ ଭୌଗୋଳିକ ଅବସ୍ଥିତି—ଏସବୁକୁ ଆଧାର କରି ରାଜ୍ୟରେ ଶିଳ୍ପ ବିକାଶର ଏକ ନୂଆ ଅଧ୍ୟାୟ ଲେଖାଯାଉଛି।

"ମୁଣ୍ଡ ଟେକୁଛି ଓଡ଼ିଶାର ଶିଳ୍ପ"—ଏହା କେବଳ ଏକ ଆଶାବାଦୀ ଶୀର୍ଷକ ନୁହେଁ; ଏହା ଓଡ଼ିଶାର ଅର୍ଥନୈତିକ ପରିବର୍ତ୍ତନର ଏକ ଦୃଶ୍ୟମାନ ସଙ୍କେତ। ନୂଆ ଶିଳ୍ପ ପ୍ରକଳ୍ପ, ପୁଞ୍ଜିନିବେଶ, ଶିଳ୍ପ କରିଡର, ଷ୍ଟାର୍ଟଅପ୍, ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ଇଲେକ୍‌ଟ୍ରୋନିକ୍ସ, ସବୁଜ ଶକ୍ତି ଓ ଧାତୁଭିତ୍ତିକ ଶିଳ୍ପର ବିକାଶ ରାଜ୍ୟର ଅର୍ଥନୀତିକୁ ଏକ ନୂଆ ଗତି ଦେବାର ସମ୍ଭାବନା ସୃଷ୍ଟି କରିଛି।

ଓଡ଼ିଶାର ଶିଳ୍ପାୟନର ଇତିହାସ ବହୁ ପୁରୁଣା। ରାଉରକେଲା ଇସ୍ପାତ କାରଖାନା ଠାରୁ ଆରମ୍ଭ କରି ତାଳଚେରର ଶକ୍ତି କ୍ଷେତ୍ର, କଳିଙ୍ଗନଗରର ଇସ୍ପାତ ଶିଳ୍ପ, ଅନୁଗୁଳର ଆଲୁମିନିୟମ ଓ ଶକ୍ତି ଶିଳ୍ପ ପର୍ଯ୍ୟନ୍ତ ଓଡ଼ିଶା ଶିଳ୍ପ ବିକାଶର ଅନେକ ପର୍ଯ୍ୟାୟ ଅତିକ୍ରମ କରିଛି।

ଓଡ଼ିଶାର ମାଟି ତଳେ ଥିବା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ରାଜ୍ୟକୁ ଶିଳ୍ପାୟନ ପାଇଁ ଏକ ପ୍ରାକୃତିକ ଭିତ୍ତି ପ୍ରଦାନ କରିଛି। ଏହି ସମ୍ପଦ ଆଧାରରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ହୋଇଛି। କିନ୍ତୁ କେବଳ କଞ୍ଚାମାଲ ଉତ୍ପାଦନ କରି ବାହାରକୁ ପଠାଇଦେବା ଏବେ ଆଉ ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ କଞ୍ଚାମାଲର ମୂଲ୍ୟବୃଦ୍ଧି କରି ଅଧିକ ପରିମାଣର ଉତ୍ପାଦନ ଓ ରୋଜଗାର ସୃଷ୍ଟି କରିବା ହିଁ ଆଗାମୀ ଦିନର ପ୍ରମୁଖ ଆହ୍ୱାନ।

ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଦେଶ ଓ ବିଦେଶର ବିଭିନ୍ନ ଶିଳ୍ପସଂସ୍ଥା ଆଗ୍ରହ ପ୍ରକାଶ କରୁଛନ୍ତି। ରାଜ୍ୟର ଶିଳ୍ପନୀତି, ଜମି ଉପଲବ୍ଧତା, ବିଦ୍ୟୁତ୍ ଯୋଗାଣ, ରାସ୍ତା ଓ ରେଳ ଯୋଗାଯୋଗ, ବନ୍ଦର ସୁବିଧା ଏବଂ ଖଣିଜ ସମ୍ପଦ ଶିଳ୍ପପତିମାନଙ୍କୁ ଆକର୍ଷିତ କରୁଛି। ବିଶେଷକରି ଧାତୁ ଓ ଖଣିଜ ଭିତ୍ତିକ ଶିଳ୍ପ ସହିତ ରାସାୟନିକ, ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍, ବୟନ, ଇଲେକ୍‌ଟ୍ରୋନିକ୍ସ, ଆଇଟି, ପୁନର୍ନବୀକରଣଶୀଳ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ ଭଳି କ୍ଷେତ୍ରରେ ନୂଆ ସମ୍ଭାବନା ଦେଖାଦେଇଛି।

ଏହି ପୁଞ୍ଜିନିବେଶ କେବଳ କାରଖାନା ନିର୍ମାଣରେ ସୀମିତ ରହିଲେ ଚାଲିବ ନାହିଁ। ଏହାର ପ୍ରଭାବ ରାଜ୍ୟର ଗାଁଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ। ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର, ଛୋଟ ବ୍ୟବସାୟୀଙ୍କ ପାଇଁ ବଜାର, ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ଏବଂ ଗ୍ରାମୀଣ ଅର୍ଥନୀତି ପାଇଁ ନୂଆ ଗତି ସୃଷ୍ଟି କରିବା ହେଉଛି ଶିଳ୍ପାୟନର ସଫଳତାର ପ୍ରକୃତ ମାପଦଣ୍ଡ।

ଓଡ଼ିଶାର ଯୁବ ସମାଜ ଆଜି ଶିକ୍ଷିତ ଓ ଆକାଂକ୍ଷୀ। ସେମାନେ ଚାକିରି ପାଇଁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ନ ହୋଇ ନିଜ ରାଜ୍ୟରେ ସୁଯୋଗ ପାଇବାକୁ ଚାହାନ୍ତି। ତେଣୁ ଶିଳ୍ପ ବିକାଶର ସବୁଠାରୁ ବଡ଼ ଲାଭ ହେବା ଉଚିତ୍ ରୋଜଗାର ସୃଷ୍ଟି।

ବୃହତ୍ ଶିଳ୍ପ ସହିତ ଏମ୍‌ଏସ୍‌ଏମ୍‌ଇ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍ ଏବଂ ଘରୋଇ ଉଦ୍ୟୋଗକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ଏକ ବଡ଼ କାରଖାନା ଯେତେ ଚାକିରି ଦିଏ, ତାହାର ସହଯୋଗୀ ଶିଳ୍ପ, ପରିବହନ, ଲଜିଷ୍ଟିକ୍ସ, ମରାମତି, ଖାଦ୍ୟ, ଆବାସ ଓ ସେବା କ୍ଷେତ୍ର ତା'ଠାରୁ ଅନେକଗୁଣ ଅଧିକ ପରୋକ୍ଷ ରୋଜଗାର ସୃଷ୍ଟି କରିପାରେ।



ତେଣୁ ଓଡ଼ିଶାର ଶିଳ୍ପ ନୀତିରେ ସ୍ଥାନୀୟ ଉଦ୍ୟୋଗୀ ଓ ଯୁବପିଢ଼ିଙ୍କ ଭାଗୀଦାରି ବୃଦ୍ଧି କରିବା ଦରକାର। ଦକ୍ଷତା ବିକାଶ ପ୍ରଶିକ୍ଷଣକୁ ଶିଳ୍ପର ଆବଶ୍ୟକତା ସହିତ ଯୋଡ଼ିବା ଆବଶ୍ୟକ। ଶିଳ୍ପ ଆସିବା ପୂର୍ବରୁ ମାନବ ସମ୍ପଦ ପ୍ରସ୍ତୁତ କରାଗଲେ ତାହାର ଲାଭ ରାଜ୍ୟର ଯୁବ ସମାଜ ଅଧିକ ପାଇପାରିବ।

ଓଡ଼ିଶା ମୂଳତଃ ଏକ କୃଷିପ୍ରଧାନ ରାଜ୍ୟ। ତେଣୁ ଶିଳ୍ପାୟନର ଅର୍ଥ କୃଷିକୁ ଅବହେଳା କରିବା ନୁହେଁ। ବରଂ କୃଷି ଓ ଶିଳ୍ପ ମଧ୍ୟରେ ସୁଦୃଢ଼ ସମନ୍ୱୟ ଗଢ଼ିବା ଆବଶ୍ୟକ।



●ମୋନାଲିସା ଦାସ

କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ଗ୍ରାମୀଣ ଅର୍ଥନୀତିକୁ ନୂଆ ଦିଗ ଦେଇପାରେ। ଧାନ, ମକା, ହଳଦୀ, ଅଦା, ଲଙ୍କା, ଫଳ, ପନିପରିବା, ମାଛ ଓ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି କରି ବଜାରକୁ ପଠାଇବା ପାଇଁ ଆଧୁନିକ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯିବା ଦରକାର। ଏହା ଦ୍ୱାରା ଚାଷୀ ତାଙ୍କ ଉତ୍ପାଦର ଭଲ ମୂଲ୍ୟ ପାଇବେ ଏବଂ ଗ୍ରାମରେ ନୂଆ ରୋଜଗାର ସୃଷ୍ଟି ହେବ। ସମବାୟ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ ଓ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଏହି ପ୍ରକ୍ରିୟାରେ ଅଧିକ ସଂପୃକ୍ତ କରାଯାଇପାରେ।

ଶିଳ୍ପ ବିକାଶର ଉତ୍ସାହ ମଧ୍ୟରେ ପରିବେଶକୁ ଭୁଲିଗଲେ ଚାଲିବ ନାହିଁ। ଓଡ଼ିଶାର ଜଙ୍ଗଲ, ନଦୀ, ପାହାଡ଼, ସମୁଦ୍ରତଟ ଓ ଜୈବ ବିବିଧତା ରାଜ୍ୟର ଅମୂଲ୍ୟ ସମ୍ପଦ। ଶିଳ୍ପ ପାଇଁ ଏହି ପ୍ରାକୃତିକ ସମ୍ପଦର ବ୍ୟବହାର ହେବ, କିନ୍ତୁ ତାହାର ସୁରକ୍ଷା ମଧ୍ୟ ସମାନ ଗୁରୁତ୍ୱର।

ଆଜିର ବିଶ୍ୱରେ 'ଗ୍ରୀନ୍ ଇଣ୍ଡଷ୍ଟ୍ରି' ଓ 'ସସ୍ଟେନେବଲ୍ ଡେଭେଲପମେଣ୍ଟ' କେବଳ ଆଲୋଚନାର ବିଷୟ ନୁହେଁ। ଶିଳ୍ପ ପ୍ରତିଷ୍ଠା ସମୟରେ ଜଳ ସଂରକ୍ଷଣ, ବର୍ଜ୍ୟ ପରିଚାଳନା, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ, ଗ୍ରୀନ୍ ଏନର୍ଜି ଓ ପୁନଃବ୍ୟବହାର ଭଳି ବିଷୟକୁ ଅଗ୍ରାଧିକାର ଦେବା ଦରକାର।

ଓଡ଼ିଶା ଯଦି ଶିଳ୍ପ ବିକାଶ ସହ ପରିବେଶ ସୁରକ୍ଷାର ଏକ ସୁନ୍ଦର ସମନ୍ୱୟ ସ୍ଥାପନ କରିପାରେ, ତେବେ ରାଜ୍ୟ ଦେଶ ପାଇଁ ଏକ ଉଦାହରଣ ହୋଇପାରିବ।

ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଆବଶ୍ୟକ। କିନ୍ତୁ ଜମି କେବଳ ଏକ ସମ୍ପତ୍ତି ନୁହେଁ; ଅନେକ ପରିବାର ପାଇଁ ଏହା ଜୀବିକା, ପରମ୍ପରା ଓ ଭବିଷ୍ୟତର ଆଧାର। ତେଣୁ ଶିଳ୍ପ ପାଇଁ ଜମି ନେବା ସମୟରେ ସ୍ଥାନୀୟ ଲୋକଙ୍କ ଅଧିକାର ଓ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେବା ଦରକାର।

ଯେଉଁମାନେ ଜମି ହରାଇବେ, ସେମାନଙ୍କୁ କେବଳ କ୍ଷତିପୂରଣ ଦେଇ ଦାୟିତ୍ୱ ସରିଯାଏ ନାହିଁ। ପୁନର୍ବାସ, ଥଇଥାନ, ଦକ୍ଷତା ବିକାଶ, ଚାକିରି ଓ ଦୀର୍ଘମିଆଦି ଜୀବିକାର ବ୍ୟବସ୍ଥା କରିବା ଆବଶ୍ୟକ। ଶିଳ୍ପ ଅଞ୍ଚଳର ଲୋକମାନେ ଯଦି ଶିଳ୍ପକୁ ନିଜର ବିକାଶର ଅଂଶ ଭାବେ ଗ୍ରହଣ କରନ୍ତି, ତେବେ ଶିଳ୍ପାୟନ ଅଧିକ ସ୍ଥାୟୀ ହେବ।

ଓଡ଼ିଶାର ଶିଳ୍ପ ବିକାଶରେ ମହିଳାଙ୍କ ଭୂମିକାକୁ ମଧ୍ୟ ଆଗକୁ ଆଣିବା ଦରକାର। ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସମବାୟ, ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରକ୍ରିୟାକରଣ ଓ ଛୋଟ ଉଦ୍ୟୋଗରେ ମହିଳାଙ୍କ ଅବଦାନ ଉଲ୍ଲେଖନୀୟ। ଯଦି ମହିଳା ଉଦ୍ୟୋଗୀଙ୍କୁ ସହଜ ଋଣ, ବଜାର ସୁବିଧା, ପ୍ରଶିକ୍ଷଣ ଓ ପ୍ରଯୁକ୍ତି ଯୋଗାଇ ଦିଆଯାଏ, ତେବେ ରାଜ୍ୟର ଅର୍ଥନୀତିରେ ଏକ ବଡ଼ ପରିବର୍ତ୍ତନ ଆସିପାରେ।

ସେହିପରି ଷ୍ଟାର୍ଟଅପ୍ ଓ ନୂଆ ଉଦ୍ୟମ ଆରମ୍ଭ କରୁଥିବା ଯୁବପିଢ଼ିଙ୍କୁ ଅଧିକ ସୁଯୋଗ ଦେବା ଆବଶ୍ୟକ। ଡିଜିଟାଲ୍ ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡାଟା ସେବା ଓ ନୂଆ ଶକ୍ତି ଭଳି କ୍ଷେତ୍ରରେ ଓଡ଼ିଶାର ଯୁବପିଢ଼ି ବିଶ୍ୱସ୍ତରୀୟ ସୁଯୋଗ ପାଇପାରିବେ।

ଓଡ଼ିଶାର ଦୀର୍ଘ ସମୁଦ୍ରତଟ ଶିଳ୍ପାୟନ ପାଇଁ ଏକ ବଡ଼ ସମ୍ପଦ। ପାରାଦୀପ ଭଳି ବନ୍ଦରକୁ ଆଧାର କରି ରପ୍ତାନିମୁଖୀ ଶିଳ୍ପର ବିକାଶ ସମ୍ଭବ। ଭବିଷ୍ୟତରେ ବନ୍ଦର, ରେଳ, ରାଜପଥ ଓ ଶିଳ୍ପ କ୍ଲଷ୍ଟର ମଧ୍ୟରେ ଉତ୍ତମ ସଂଯୋଗ ସୃଷ୍ଟି ହେଲେ ଓଡ଼ିଶା ଦେଶର ଏକ ପ୍ରମୁଖ ଲଜିଷ୍ଟିକ୍ସ ହବ୍ ଭାବେ ଉଭା ହୋଇପାରିବ। କେବଳ ଖଣିଜ ରପ୍ତାନି ନୁହେଁ, ମୂଲ୍ୟବୃଦ୍ଧିତ ଉତ୍ପାଦକୁ ଦେଶ ଓ ବିଦେଶର ବଜାରକୁ ପଠାଇବା ଦିଗରେ ରାଜ୍ୟ ଆଗକୁ ବଢ଼ିବା ଆବଶ୍ୟକ। ଏଥିପାଇଁ ଆଧୁନିକ ଗୋଦାମ, କୋଲ୍ଡ ଚେନ୍, ମଲ୍‌ଟିମୋଡାଲ୍ ପରିବହନ ଓ ଡିଜିଟାଲ୍ ଲଜିଷ୍ଟିକ୍ସ ବ୍ୟବସ୍ଥାର ବିକାଶ ଜରୁରୀ। ଶିଳ୍ପ ବିକାଶ ଯଦି କେବଳ କିଛି ସହର କିମ୍ବା ଶିଳ୍ପାଞ୍ଚଳରେ ସୀମିତ ରହିଯାଏ, ତେବେ ଏହାର ପୂର୍ଣ୍ଣ ଲାଭ ରାଜ୍ୟ ପାଇବ ନାହିଁ। ଗ୍ରାମୀଣ ଓଡ଼ିଶାରେ କ୍ଷୁଦ୍ର ଶିଳ୍ପ, କୁଟୀର ଶିଳ୍ପ, ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣର ବିକାଶ ହେବା ଆବଶ୍ୟକ।

କୋରାପୁଟର କଫି, କନ୍ଧମାଳର ହଳଦୀ, ମୟୂରଭଞ୍ଜର ହସ୍ତଶିଳ୍ପ, ବରଗଡ଼ର ବୟନଶିଳ୍ପ, ଗଞ୍ଜାମର କୃଷିଜାତ ଉତ୍ପାଦ ଭଳି ସ୍ଥାନୀୟ ସମ୍ପଦକୁ ବ୍ରାଣ୍ଡିଂ ଓ ପ୍ୟାକେଜିଂ ମାଧ୍ୟମରେ ଜାତୀୟ ଏବଂ ଆନ୍ତର୍ଜାତୀୟ ବଜାର ସହ ଯୋଡ଼ାଯାଇପାରେ।

ଏହା ହେଉଛି ଏକ ଏମିତି ଶିଳ୍ପାୟନ ମଡେଲ୍, ଯାହା ଗାଁରୁ ଆରମ୍ଭ ହୋଇ ରାଜ୍ୟର ଅର୍ଥନୀତିକୁ ଶକ୍ତିଶାଳୀ କରିପାରିବ। ଓଡ଼ିଶାର ଶିଳ୍ପ ଭବିଷ୍ୟତ କେବଳ ବୃହତ୍ କାରଖାନା ଉପରେ ନିର୍ଭର କରିବା ଉଚିତ୍ ନୁହେଁ। ଏକ ସମନ୍ୱିତ ଶିଳ୍ପ ନୀତି ଆବଶ୍ୟକ, ଯେଉଁଠାରେ ବୃହତ୍ ଶିଳ୍ପ ସହିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଷ୍ଟାର୍ଟଅପ୍, କୃଷି ଭିତ୍ତିକ ଉଦ୍ୟୋଗ, ମହିଳା ଉଦ୍ୟୋଗୀ, ସ୍ଥାନୀୟ କାରିଗର ଓ ଯୁବ ଉଦ୍ୟୋଗୀଙ୍କୁ ସମାନ ସୁଯୋଗ ମିଳିବ।

ଏହା ସହିତ ଶିଳ୍ପ ପ୍ରକଳ୍ପ ଅନୁମୋଦନରେ ପାରଦର୍ଶିତା, ଦ୍ରୁତ ପ୍ରଶାସନିକ ପ୍ରକ୍ରିୟା, ଜମି ଓ ପରିବେଶ ସମ୍ପର୍କିତ ସ୍ୱଷ୍ଟତା ଏବଂ ଶିଳ୍ପପତିଙ୍କ ସହ ସରକାରଙ୍କ ସମନ୍ୱୟ ଆବଶ୍ୟକ। "ଇଜ୍ ଅଫ୍ ଡୁଇଂ ବିଜନେସ୍" ସହିତ "ଇଜ୍ ଅଫ୍ ଲିଭିଂ"କୁ ମଧ୍ୟ ଗୁରୁତ୍ୱ ଦେବା ଦରକାର।

ଓଡ଼ିଶାର ଶିଳ୍ପାୟନ ଆଗକୁ ବଢୁଥିବା ସମୟରେ କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛି। ଜମି, ପରିବେଶ, ଦକ୍ଷ ମାନବ ସମ୍ପଦ, ଆର୍ଥିକ ସହାୟତା, ଛୋଟ ଉଦ୍ୟୋଗର ଋଣ ସୁବିଧା, ବଜାର ସଂଯୋଗ ଓ ପ୍ରଯୁକ୍ତି ହସ୍ତାନ୍ତର ଭଳି ବିଷୟରେ ଅଧିକ କାମ କରିବା ଆବଶ୍ୟକ।

ସବୁଠାରୁ ବଡ଼ କଥା ହେଉଛି—ଘୋଷଣା ଓ ବାସ୍ତବାୟନ ମଧ୍ୟରେ ଦୂରତା କମାଇବା। ବଡ଼ ବଡ଼ ପୁଞ୍ଜିନିବେଶ ଘୋଷଣା ନିଶ୍ଚିତ ଭାବେ ଆଶା ସୃଷ୍ଟି କରେ, କିନ୍ତୁ ସେହି ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟରେ ଭୂମିସ୍ତରକୁ ଆସିବା ଅଧିକ ଜରୁରୀ।

ଓଡ଼ିଶାର ଶିଳ୍ପ ଆଜି ନିଶ୍ଚିତ ଭାବେ ଏକ ନୂଆ ମୋଡ଼ରେ ପହଞ୍ଚିଛି। ଖଣିଜ ସମ୍ପଦ ଭିତ୍ତିକ ଶିଳ୍ପରୁ ଆରମ୍ଭ କରି ନୂଆ ପ୍ରଯୁକ୍ତି, ସବୁଜ ଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ବୟନ, ଇଲେକ୍‌ଟ୍ରୋନିକ୍ସ ଓ ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ଶିଳ୍ପର ପରିସର ବଢୁଛି। ଏହା ଓଡ଼ିଶା ପାଇଁ ଏକ ବଡ଼ ସୁଯୋଗ।

କିନ୍ତୁ ଶିଳ୍ପାୟନର ଅର୍ଥ କେବଳ ଉଚ୍ଚ ଚିମିନି, ବଡ଼ କାରଖାନା ଓ ବଡ଼ ପୁଞ୍ଜିନିବେଶ ନୁହେଁ। ଶିଳ୍ପାୟନର ପ୍ରକୃତ ଅର୍ଥ ହେଉଛି—ସାଧାରଣ ଲୋକଙ୍କ ଜୀବନରେ ପରିବର୍ତ୍ତନ, ଯୁବକଙ୍କ ହାତରେ ରୋଜଗାର, ଚାଷୀଙ୍କ ଉତ୍ପାଦର ଉଚିତ ମୂଲ୍ୟ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ସ୍ଥାନୀୟ ଉଦ୍ୟୋଗୀଙ୍କ ବିକାଶ ଓ ପରିବେଶର ସୁରକ୍ଷା।

ଓଡ଼ିଶାର ଶିଳ୍ପ ଯଦି ଏହି ସମସ୍ତ ଦିଗକୁ ସାଥୀ କରି ଆଗକୁ ବଢ଼େ, ତେବେ ରାଜ୍ୟ କେବଳ ଦେଶର ଏକ ଶିଳ୍ପ କେନ୍ଦ୍ର ନୁହେଁ, ବରଂ ଏକ ସମାବେଶୀ, ସବୁଜ ଓ ସମୃଦ୍ଧ ଅର୍ଥନୀତିର ଆଦର୍ଶ ରାଜ୍ୟ ହୋଇପାରିବ।

ଆଜି ଯେଉଁ ଆଶାର ଆଲୋକ ଦେଖାଯାଉଛି, ତାହାକୁ ସ୍ଥାୟୀ ବିକାଶର ଆଲୋକରେ ପରିଣତ କରିବା ହିଁ ଆମର ପରବର୍ତ୍ତୀ ଦାୟିତ୍ୱ। ଓଡ଼ିଶାର ଶିଳ୍ପ ଏବେ ମୁଣ୍ଡ ଟେକୁଛି—ଏହି ଉଦୟମାନ ଶିଳ୍ପ ଶକ୍ତି ଯେପରି ପ୍ରତ୍ୟେକ ଓଡ଼ିଆଙ୍କ ଜୀବନରେ ସମୃଦ୍ଧିର ନୂଆ ସୂର୍ଯ୍ୟୋଦୟ ଆଣିବ, ସେହି ଆଶା ହିଁ ଆଜିର ସବୁଠାରୁ ବଡ଼ ବିଶ୍ୱାସ।







# ଗୋପାଳପୁର ସମବାୟ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଦକ୍ଷତା ବିକାଶ ସମବାୟ ତାଲିମ୍

ବ୍ରହ୍ମପୁର: ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱର ଅଧିନସ୍ଥ ସମବାୟ ପରିଚାଳନା ପ୍ରତିଷ୍ଠାନ, ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ହସ୍ତତନ୍ତ ବୁଣାକାର ସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟ ଓ ସହକାରୀ ବୟନ ଶିଳ୍ପ ଓ ହସ୍ତତନ୍ତ୍ର ନିର୍ଦ୍ଦେଶାଳୟର କର୍ମଚାରୀ ମାନଙ୍କ ନିମନ୍ତେ ଏକ ଦିବସୀୟ ଦକ୍ଷତା ବିକାଶ ସମବାୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି । ଏହି ତାଲିମ୍ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ରଣା, ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମନାୟ ସଂଘ, ଭୁବନେଶ୍ୱର, ହୃଷୀକେଶ ମାହାଲି, ଉପନିର୍ଦ୍ଦେଶକ, ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ବ୍ରହ୍ମପୁର, ଅଶୋକ କୁମାର ରାୟ, ପ୍ରଶାସନିକ ଅଧିକାରୀ, ଟାଟା ଷ୍ଟିଲ, ରାମମୋହନ ପାତ୍ର, ଅବସରପ୍ରାପ୍ତ ଉପନିବନ୍ଧକ, ସମବାୟ ସମିତି ସମୂହ, ଡି.ବିଜୟଲକ୍ଷ୍ମୀ, ଅଧ୍ୟାପକ, ସ୍କୁଲ୍ ଡେଭଲପମେଣ୍ଟ, ଉଦୟନାଥ ପ୍ରଧାନ, ଅବସର ପ୍ରାପ୍ତ ଉପ ସହକାରୀ ନିରୀକ୍ଷକ, ଡି. କ୍ରିଷ୍ଣା ନନ୍ଦ, ଅଧକ୍ଷ୍ୟ, ନାସିର ହୁସେନ, ଉପ ସହକାରୀ ନିବନ୍ଧକ, ବୟନ ଶିଳ୍ପ, ମମତା ସାହୁ, ଅଧ୍ୟାପିକା, ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିବା ବେଳେ ରାମ ମୋହନ ପାତ୍ର ସମବାୟ ଆଇନ ଓ ନିୟମକୁ ପାଥେୟ କରି ସମିତିର ଆର୍ଥିକ ଓ ସାମାଜିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣାର୍ଥୀ ମାନଙ୍କୁ ପ୍ରେରଣା ଦେଇଥିଲେ । ଅଶୋକ କୁମାର ରାୟ, ଡି. ବିଜୟଲକ୍ଷ୍ମୀ ସମିତିର ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ଉପରେ ତାଲିମ୍ ପ୍ରଦାନ କରିଥିଲେ । । ଏହି କାର୍ଯ୍ୟକ୍ରମରେ ୫୦ଜଣ ପରିଚାଳନା ପରିଷଦର ସଭ୍ୟ ଏବଂ କର୍ମଚାରୀ




ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମବାୟ ପରିଚାଳନା ପ୍ରତିଷ୍ଠାନର କର୍ମଚାରୀ ପରିଚାଳନା କରିଥିବା ବେଳେ ଅଧ୍ୟାପିକ ମମତା ସାହୁ ସଂଯୋଜନା କରିଥିଲେ ।

# ପାଳ ବାଇଗଣକୁ ମିଳିବ ଜିଆଇ ଟ୍ୟାଗ

ଢେଙ୍କାନାଳ:ଢେଙ୍କାନାଳ ଜିଲ୍ଲାର ସୁଆଦିଆ ପାଳ ବାଇଗଣକୁ ଜିଆଇ ଟ୍ୟାଗ (ଭୌଗୋଳିକ ସୂଚକାଙ୍କ) ମାନ୍ୟତା ମିଳିବା ଆଶା ଉଜ୍ଜୀବିତ ହୋଇଛି। ପ୍ରକ୍ରିୟାର ପ୍ରାକ୍ ପରୀକ୍ଷା ସୋପାନରେ ଆବେଦନ ବିଚାର ଧୀନ ରହିଥିବା ଜଣାପଡିଛି। ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ପାଳ ବାଇଗଣକୁ ଜିଆଇ ଟ୍ୟାଗ ଦିଆଯିବା ନେଇ ଆନୁସଙ୍ଗିକ ଦସ୍ତାବିଜ ଓ ତଥ୍ୟ ପ୍ରଦାନ କରାଯାଇଛି। ଢେଙ୍କାନାଳର ପାଳ ବାଇଗଣ ସହିତ ରାଜ୍ୟର ଆଉ ୫ଟି ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗ ମିଳିବାର ସମ୍ଭାବନା ରହିଛି। ସୂଚନା ଅନୁସାରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ଗ୍ରାମ ପଞ୍ଚାୟତର କମଗରା ଏବଂ ସୋଗର ପଞ୍ଚାୟତର ଝଗଡପଦା ଗାଁରେ ବ୍ରାହ୍ମଣୀ ନଦୀ ପଠାରେ ବର୍ଷ ବର୍ଷ ଧରି ଏହି ସୁଆଦିଆ ପାଳ ବାଇଗଣ ଚାଷ କରିଆସୁଛନ୍ତି। ଭଜା,ତରକାରୀ ଏବଂ ପୋଡା ଭର୍ତ୍ତା ପାଇଁ ପାଳ ବାଇଗଣର ସ୍ୱତନ୍ତ୍ର ପରିଚୟ ରହିଛି। ୨୦୨୫ରେ ଢେଙ୍କାନାଳ କମଗରାର ଏହି ପାଳ ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି) ପରିଚାଳନା ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତିଙ୍କ ପ୍ରଚେଷ୍ଟାରେ ଗବେଷଣା ଧର୍ମୀ



ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ତଥ୍ୟ ଆଧାରରେ ସ୍ଥାନୀୟ ସୋଗର ଗ୍ରାମର କପିଳେଶ୍ୱର ମହାଦେବ, ଫାର୍ମର ପ୍ରଡ୍ୟୁସର,କୋ-ଅପରେଟିଭ ସୋସାଇଟି ଲିମିଟେଡ ପକ୍ଷ ପକ୍ଷରୁ ୨୦୨୬ ଜୁନ୍ ୩୦ରେ ଢେଙ୍କାନାଳର ପାଳ ବାଇଗଣକୁ ଜିଆଇ ଟ୍ୟାଗ ପାଇଁ ଚେନ୍ନାଇ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା। ଜୁଲାଇ ୧୪ରେ ଏହାର ୨୭ଟି ପଏଣ୍ଟ ଉପରେ ତଥ୍ୟ ପ୍ରଦାନ କରାଯିବା ପରେ ପ୍ରାକ୍ ପରୀକ୍ଷା ସୋପାନରେ ଏହା ରହିଥିବା ସୂଚନା ମିଳିଛି। ଏ ସଂପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଶ୍ରୀ ମହାନ୍ତି କୁହନ୍ତି ଢେଙ୍କାନାଳ ପାଳ ବାଇଗଣ ଜିଆଇ ମାନ୍ୟତା ପାଇବାର ପ୍ରାୟ ଚୂଡାନ୍ତ ସୋପାନରେ ପହଞ୍ଚିଛି। ଏଥିପାଇଁ ଯାହା ଦସ୍ତାବିଜ ତାହା ପ୍ରଦାନ କରାଯାଇ ଦୃଢ ଯୁକ୍ତି ଉପସ୍ଥାପନ କରାଯାଇଥିବା ସେ କହିଛନ୍ତି ।

# ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ

## ➢ପୁନର୍ବାର ଚାଷ ଜମିରେ ପ୍ରବେଶ କଲା ମହାନଦୀ ବନ୍ୟା ପାଣି

## ➢କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି

କଣ୍ଟିଲୋ:ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ମହାନଦୀରେ ପୁନଶ୍ଚ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଯାହାଫଳରେ ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତ ଓ ସିଧାମୂଳା ପଞ୍ଚାୟତର ଅନେକ ଚାଷ ଜମି ଏବେ ବନ୍ୟା ପାଣିରେ ବୁଡି ରହିବା ଯୋଗୁଁ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାର ସୂଚନା ମିଳିଛି ।ନିକଟସ୍ଥ ବଡବାଣପୁର ପଞ୍ଚାୟତର କୁମୁଣ୍ଡି ଗ୍ରାମ ଠାରୁ ନିକଟସ୍ଥ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ମହାନଦୀ ମାଳବନ୍ଧରେ ଅବସ୍ଥିତ ବିପଦ ଶଙ୍କୁଳ ସ୍ଲୁଇସ ଫାଟକ ନିକଟରେ ଦିଆଯାଇଥିବା ବାଲିବସ୍ତା ଦେଇ ପୁର୍ନବାର ବନ୍ୟା ପାଣି ପ୍ରବାହିତ ହୋଇ ମାଳ ବନ୍ଧର ଅପର ପାର୍ଶ୍ୱରେ ଅବସ୍ଥିତ ଏକର ଏକର ଧାନ ଚାଷ ଜମି ଜଳାର୍ଣ୍ଣବ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ମହାନଦୀର ପ୍ରଥମ ବନ୍ୟା ପାଣି ମାଡରେ ଚାଷୀମାନେ ଜମିରେ ରୋଇଥିବା ଧାନ ତଳି ଗୁଡ଼ିକ ପଚି ନଷ୍ଟ ହୋଇଥିଲା ।ପରେ ଚାଷୀମାନେ ପୁଣି ଧାନ ତଳି ସଂଗ୍ରହ କରି ଜମିରେ ରୁଆ ରୋଇ କରିଥିବା ବେଳେ ୨ୟ ଥର ପାଇଁ ବନ୍ୟା ପାଣି ଦାଉ ସାଧିଛି। ମହାନଦୀ ମାଳବନ୍ଧର କୁମୁଣ୍ଡି ନିକଟରେ




ଥିବା ଦୁର୍ବଳ ସ୍ଲୁଇସ ଫାଟକ ଯୋଗୁଁ ଚାଷ ଜମି ଗୁଡ଼ିକ ଉଜୁଡି ଗଲା ବୋଲି ବଡବାଣପୁର ପଞ୍ଚାୟତ ଅଧୀନ ରତନପୁର ଗ୍ରାମର ଚାଷୀ ଶିବାଜୀ ରାଉତ,ବାଳକୃଷ୍ଣ ରାଉତ, ସୁଲେଖ ନାୟକ, ସନାତନ ସାହୁ, ଅନାଦି ସ୍ୱାଇଁ ଘଣାଶାଳିଆ ଗ୍ରାମର ଚାଷୀ ସତ୍ୟବାଦୀ ଜେନା, ଦିଲ୍ଲୀପ ରାଉତ ଓ କୁମୁଣ୍ଡି ଗ୍ରାମର ଚାଷୀ ବିନୋଦ ରାଉତ, କୈଳାସ ପ୍ରଧାନଙ୍କ ସମେତ ଏକାଧିକ ଚାଷୀ ଅଭିଯୋଗ କରିଛନ୍ତି ।ମହାନଦୀ ବନ୍ୟା ପାଣିରେ କ୍ଷତିଗ୍ରସ୍ତ ଚାଷୀ ପରିବାର ଗୁଡିକୁ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଚାଷୀ ପରିବାରଗୁଡ଼ିକ ଦାବି କରିଛନ୍ତି। ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡ଼ା ତହସିଲଦାର ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଧାନ ପଞ୍ଜୀକରଣ ଅବଧି ୨୦ ଦିନ ବୃଦ୍ଧି କରିବାକୁ ଦାବି କଲା ବିଜେଡି

ଭୁବନେଶ୍ୱର: ରାଜ୍ୟରେ ଖରିଫ ଧାନ ପଞ୍ଜୀକରଣ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ବିଳମ୍ବ ନିମନ୍ତେ ରାଜ୍ୟସରକାରଙ୍କ ପରିଚାଳନାଗତ ଅପରାଗତା ଦାୟୀ ବୋଲି ପ୍ରମୁଖ ବିରୋଧୀ ବିଜୁ ଜନତା ଦଳ (ବିଜେଡି) କହିଛି। ପଞ୍ଜୀକରଣ ସମୟସୀମା ୭ ଦିନ ପରିବର୍ତ୍ତେ ୧୦ ଦିନ ବୃଦ୍ଧି କରାଯାଉ ବୋଲି ଦାବି କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କୁ କଠୋର ଭାଷାରେ ସମାଲୋଚନା କରି କହିଛନ୍ତି, ରାଜ୍ୟର ୨୦ଟି ଜିଲ୍ଲା ବର୍ଷା ଓ ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ନଦୀଗୁଡ଼ିକରେ ୨ରୁ ୩ଥର ବନ୍ୟା ଆସିବା ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଗତବର୍ଷ ୨୩ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୭ ଲକ୍ଷ ଚାଷୀ ନାମ ପଞ୍ଜୀକୃତ ହୋଇପାରିଛନ୍ତି। ଗତବର୍ଷର ହିସାବରେ ବର୍ତ୍ତମାନ ସୁଦ୍ଧା ସାଢ଼େ ୪ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏଭଳି ସ୍ଥିତିରେ, ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣର ଅବଧିକୁ ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ସରକାର ବୃଦ୍ଧି କରନ୍ତୁ ବୋଲି ସେ କହିଛନ୍ତି। ଶ୍ରୀ



ଦାସବର୍ମା ଅଭିଯୋଗ କରିଛନ୍ତି, ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆପ୍ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନାହିଁ। ସରକାର ଯେଉଁ ଆପ୍ ଦେଇଛନ୍ତି, ତାହା ଦ୍ୱାରା ଲକ୍ଷାଧିକ ଭାଗ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ି ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ବାସ୍ତବ ସମୟ ଭିତ୍ତିରେ ଜମିମାଲିକ ନିଜେ ସମବାୟ ସମିତିରେ ଉପସ୍ଥିତି ରହି ଇ-କେଓ୍ୱାଇସି କରିବା ପାଇଁ ସଫ୍‌ଟୱେ୍ୟାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାଗଚାଷୀ ପୋର୍ଟାଲରେ ପଞ୍ଜୀକରଣ କରି କେମିତି ଧାନ ବିକ୍ରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି । ଏହା ସହିତ ସରକାର ଆଣିଥିବା 'କଲମ-୨'' ସଂଶୋଧନକୁ ଏକ 'କଳା ଆଇନ' ଆଖ୍ୟା ଦେଇ ଦାସବର୍ମା କହିଛନ୍ତି ଯେ ଏକାସମୟରେ ଏହି ସଂଶୋଧନ କରିବାକୁ ଯାଇ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଥମେ ଚକବନ୍ଦୀ କାର୍ଯ୍ୟ ଶେଷ କରାଯାଉ, ତା''ପରେ ଗ୍ରହଣଯୋଗ୍ୟ ଢଙ୍ଗରେ କଲମ-୨ ସଂଶୋଧନ କରାଯାଉ।

## ଋଣ ନେଲା ଚାଷୀଙ୍କ ଜୀବନ

ଧାମନଗର : ପ୍ରକୃତିର କରାଳ ରୂପ ଏବଂ ବର୍ଣିତ ଋଣଭାର ବୋଝ ସହି ନପାରି ଜଣେ ଚାଷୀ ଜୀବନ ହାରିଛନ୍ତି। ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ସାହସପୁର ପଞ୍ଚାୟତର ଲୁହସାହି ଗାଁ ଜମିରେ ଧାନ ଚାଷ କରି ସର୍ବସ୍ୱ ହରାଇଥିବା ପ୍ରଭାକର ବେହୁରିଆ (୫୦) ନାମକ ଜଣେ ଚାଷୀ ଗଛରେ ରଶ୍ମି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପ୍ରଭାକର ଚଳିତ ବର୍ଷ ଧାର କରଜ କରି ବ୍ୟାପକ ଆଶା ନେଇ ଧାନ ଚାଷ କରିଥିଲେ। ମାତ୍ର ଅତ୍ୟଧକ ବନ୍ୟା ପାଣି ତାଙ୍କର ସମସ୍ତ ସ୍ୱପ୍ନକୁ ଧୋଇ ନେଇଥିଲା । ବନ୍ୟାରେ ଧାନ ଫସଲ ସମ୍ପୂର୍ଣ ନଷ୍ଟ ହୋଇଯିବା ପରେ ତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଫସଲ ଗଲା ପରେ ଲକ୍ଷାଧିକ ଟଙ୍କାର ଋଣ କିପରି ପରିଶୋଧ କରିବେ ଏବଂ ପରିବାର ବନ୍ୟାରେ ଧାନ ଫସଲ ନଷ୍ଟ ହେବାରୁ ଚିନ୍ତାରେ ଥିଲେ । କିପରି ଚଳିବ, ସେହି ଚିନ୍ତାରେ ସେ ଗଭୀର ମାନସିକ ଅବସାଦ ଗ୍ରସ୍ତ ହୋଇପଡ଼ିଥିଲେ। ଶେଷରେ ଏହି ଚାପକୁ ସହ୍ୟ କରିନପାରି ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ । ଘଟଣା ସମ୍ପର୍କରେ ଖବର ପାଇବା ପରେ ଧୂଷୁରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ମସ୍ତିଷ୍କକୁ ଚୁପ ଚାପ୍ କ୍ଷତି ପହଞ୍ଚାଉଛି କି ?



ଆମ ଶରୀରର କମାଣ୍ଡ ସେଣ୍ଟର ଭାବେ ମସ୍ତିଷ୍କ ଚିନ୍ତା, ସ୍ମୃତି, ଗତିବିଧି, ନିଷ୍ପତ୍ତି ନେବା ଓ ଭାବନା ନିୟନ୍ତ୍ରଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ। ହେଲେ ଦୈନନ୍ଦିନ ଜୀବନର କିଛି ଅଭ୍ୟାସ ଧୀରେ ଧୀରେ ମସ୍ତିଷ୍କର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। ନିଦ୍ରା ଅଭାବଠାରୁ ଆରମ୍ଭ କରି ଅତ୍ୟଧିକ ସ୍କ୍ରିନ୍ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ଲଗାତାର ମାନସିକ ଚାପ ଆଦି ଅନେକ କାରଣ ଏଥିପାଇଁ ଦାୟୀ ହୋଇପାରେ। ବିଶେଷଜ୍ଞଙ୍କ ମତରେ, ପ୍ରତିଦିନର ଜୀବନଶୈଳୀରୁ ହିଁ ମସ୍ତିଷ୍କର ଯତ୍ନ ନେବା ଆବଶ୍ୟକ।

**ମସ୍ତିଷ୍କର ଯତ୍ନ ନେବା ଆବଶ୍ୟକ**

**୧. ପର୍ଯ୍ୟାପ୍ତ ନିଦ୍ରା ନ ନେବା**

ନିଦ୍ରା ସମୟରେ ମସ୍ତିଷ୍କ ସ୍ମୃତିକୁ ପ୍ରକ୍ରିୟାକରଣ କରିବା ସହ ଶରୀର ଓ ମସ୍ତିଷ୍କକୁ ପୁନଃସତେଜ କରିଥାଏ। ନିୟମିତ ଭାବେ କମ୍ ଶୋଇଲେ ଏକାଗ୍ରତା, ସ୍ମୃତି, ନିଷ୍ପତ୍ତି ନେବା କ୍ଷମତା ଓ ଭାବନା ନିୟନ୍ତ୍ରଣ ପ୍ରଭାବିତ ହୋଇପାରେ।

**୨. ଦୀର୍ଘ ସମୟ ଧରି ବସି ରହିବା**

ଘଣ୍ଟା ଘଣ୍ଟା ଧରି ଗୋଟିଏ ସ୍ଥାନରେ ବସି ରହିବା ଶାରୀରିକ ନିଷ୍କ୍ରିୟତା ବଢାଇଥାଏ। ଏହା ମେଦବହୁଳତା, ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟାର ଆଶଙ୍କା ବଢ଼ାଇପାରେ, ଯାହା ପରୋକ୍ଷ ଭାବେ ମସ୍ତିଷ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ।

**୩. ଅତ୍ୟଧିକ ସ୍କ୍ରିନ୍ ସମୟ**

କାମ, ସୋସିଆଲ ମିଡିଆ ଓ ମନୋରଞ୍ଜନ ପାଇଁ ଅତ୍ୟଧିକ ସମୟ ସ୍କ୍ରିନ୍‌ରେ ବିତାଇବା ମାନସିକ ଥକ୍କାପଣ, ଧ୍ୟାନରେ ବାଧା ଓ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ। ଲଗାତାର ମଲ୍‌ଟିଟାସ୍କିଂ ମଧ୍ୟ ମସ୍ତିଷ୍କର ଏକାଗ୍ରତାକୁ ପ୍ରଭାବିତ କରେ।

**୪. ଅସ୍ୱାସ୍ଥ୍ୟକର ଖାଦ୍ୟ ଓ କମ୍ ପାଣି ପିଇବା**

ଅତ୍ୟଧିକ ଚିନିଯୁକ୍ତ ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ, ଭଜା ସ୍ନାକ୍ସ ଓ ଅସ୍ୱାସ୍ଥ୍ୟକର ଚର୍ବି ଥିବା ଖାଦ୍ୟ ଦୀର୍ଘକାଳରେ ଶରୀରର ମେଟାବଲିକ୍ ଓ ରକ୍ତବାହୀ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ପର୍ଯ୍ୟାପ୍ତ ପାଣି ନ ପିଇଲେ ଥକ୍କାପଣ ଓ ମାନସିକ ଅସ୍ୱଷ୍ଟତା ଅନୁଭବ ହୋଇପାରେ।

**୫. ଧୂମପାନ**

ଧୂମପାନ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇ ଷ୍ଟ୍ରୋକ୍‌ର ଆଶଙ୍କା ବଢାଇପାରେ। ସେହିପରି ଅତ୍ୟଧିକ ମଦ୍ୟପାନ ସ୍ମୃତି, ନିଷ୍ପତ୍ତି ନେବା କ୍ଷମତା, ନିଦ୍ରା ଓ ଦୀର୍ଘକାଳୀନ ମସ୍ତିଷ୍କ କାର୍ଯ୍ୟକୁ ପ୍ରଭାବିତ କରିପାରେ।

**୬. ଲଗାତାର ମାନସିକ ଚାପ**

କିଛି ସମୟ ପାଇଁ ଚାପ ସାଧାରଣ ହୋଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ଚାପରେ ରହିବା ନିଦ୍ରା, ଏକାଗ୍ରତା, ମନୋବଳ ଓ ରକ୍ତଚାପକୁ ପ୍ରଭାବିତ କରିପାରେ। ଏହା ଥକ୍କାପଣ ଓ ମାନସିକ କାର୍ଯ୍ୟକ୍ଷମତା ହ୍ରାସ ସହ ଜଡିତ ହୋଇପାରେ।

**୭. ରକ୍ତଚାପ**

ଉଚ୍ଚ ରକ୍ତଚାପ, ମଧୁମେହ ଓ ଉଚ୍ଚ କୋଲେଷ୍ଟ୍ରଲ ଅନେକ ସମୟରେ ସ୍ପଷ୍ଟ ଲକ୍ଷଣ ବିନା ରହିପାରେ। ନିୟନ୍ତ୍ରଣରେ ନ ରହିଲେ ଏଗୁଡିକ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇ ଷ୍ଟ୍ରୋକ୍ ଓ ଅନ୍ୟାନ୍ୟ ମସ୍ତିଷ୍କ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କା ବଢ଼ାଇପାରେ।

**ଷ୍ଟ୍ରୋକ୍‌ର ସଙ୍କେତକୁ ଅଣଦେଖା କରନ୍ତୁ ନାହିଁ**

ହଠାତ୍ ମୁହଁ ଗୋଟିଏ ପଟକୁ ଝୁଲିଯିବା, ହାତ କିମ୍ବା ଗୋଡ଼ରେ ଦୁର୍ବଳତା, କଥା ଅସ୍ପଷ୍ଟ ହେବା, ଦୃଷ୍ଟିରେ ପରିବର୍ତ୍ତନ, ସନ୍ତୁଳନ ହରାଇବା, ଦ୍ୱନ୍ଦ୍ୱ କିମ୍ବା ହଠାତ୍ ପ୍ରବଳ ମୁଣ୍ଡବିନ୍ଧା ଭଳି ଲକ୍ଷଣକୁ କେବେ ଅଣଦେଖା କରନ୍ତୁ ନାହିଁ। ଏପରି ଲକ୍ଷଣ ଦେଖାଦେଲେ ଅପେକ୍ଷା ନକରି ତୁରନ୍ତ ଜରୁରୀକାଳୀନ ଚିକିତ୍ସା ସହାୟତା ନେବା ଆବଶ୍ୟକ।

# ଥାଇରଏଡ୍ ସମସ୍ୟାରୁ ରକ୍ଷା ପାଇଁ କରନ୍ତୁ ଏହି ଯୋଗାସନ

ଥାଇରଏଡ୍ ସମସ୍ୟା ଯୋଗୁଁ ଓଜନରେ ପରିବର୍ତ୍ତନ, ଥକ୍କାପଣ, ମନୋଭାବରେ ପରିବର୍ତ୍ତନ ଓ କେଶ ଝଡ଼ିବା ଭଳି ସମସ୍ୟା ଦେଖାଦେଇଥାଏ। ଏଭଳି ସ୍ଥିତିରେ ଔଷଧ ଓ ଡାକ୍ତରଙ୍କ ପରାମର୍ଶ ସହ ନିୟମିତ ଯୋଗାଭ୍ୟାସ ଜୀବନଶୈଳୀର ଏକ ଅଂଶ ହୋଇପାରେ। ଥାଇରଏଡ୍ ଏକ ଛୋଟ ପ୍ରଜାପତି ଆକୃତିର ଗ୍ରନ୍ଥି, ଯାହା ଶରୀରର ବିଭିନ୍ନ ହରମୋନ୍‌ର ନିୟନ୍ତ୍ରଣ ସହ ଜଡ଼ିତ। ଥାଇରଏଡ୍ ସମସ୍ୟା ଥିଲେ ନିୟମିତ ଶାରୀରିକ କ୍ରିୟାକଳାପ ଓ ସୁସ୍ଥ ଜୀବନଶୈଳୀ ଉପକାରୀ ହୋଇପାରେ। ଏହି ପରିପ୍ରେକ୍ଷୀରେ ହଳାସନ, ମତ୍ସ୍ୟାସନ ଓ ଭୁଜଙ୍ଗାସନ ଭଳି କିଛି ଯୋଗାସନ ଶରୀରକୁ ଆରାମ ଦେବ।

ଯୋଗାସନ ଶରୀରକୁ ଆରାମ ଦେବ

**୧. ହଳାସନ**

୧. ପ୍ରଥମେ ମ୍ୟାଟ୍ ଉପରେ ପିଠି ମାଡ଼ି ଶୋଇପଡ଼ନ୍ତୁ।

୨. ଦୁଇ ହାତକୁ ଶରୀରର ଦୁଇ ପାର୍ଶ୍ୱରେ ରଖନ୍ତୁ।

୩. ଧୀରେ ଧୀରେ ଦୁଇ ଗୋଡ଼କୁ ଉପରକୁ ଉଠାଇ ମୁଣ୍ଡ ପଛପଟକୁ ନିଅନ୍ତୁ।

୪.ସମ୍ଭବ ହେଲେ ପାଦର ଆଙ୍ଗୁଠିକୁ ମୁଣ୍ଡ ପଛର ଭୂମିରେ ରଖନ୍ତୁ।

୫.କିଛି ସମୟ ଏହି ସ୍ଥିତିରେ ରହି ଧୀରେ ଧୀରେ ପ୍ରାରମ୍ଭିକ ସ୍ଥିତିକୁ ଫେରନ୍ତୁ।

**୨. ମତ୍ସ୍ୟାସନ**

୧. ପିଠି ମାଡ଼ି ଶୋଇ ପଦ୍ମାସନରେ ରହିବାକୁ ଚେଷ୍ଟା କରନ୍ତୁ।

୨.ହାତକୁ ନିତମ୍ବ ପାଖରେ ରଖି କହୁଣୀକୁ ଭୂମିରେ ରଖନ୍ତୁ।

୩.ଧୀରେ ଛାତି ଓ ମୁଣ୍ଡକୁ ଉପରକୁ ଉଠାନ୍ତୁ।

୪.ପିଠିକୁ ଧନୁ ଭଳି ହାଲୁକା ବଙ୍କା କରନ୍ତୁ।

୫.କିଛି ସମୟ ଏହି ସ୍ଥିତିରେ ରହି ପୁଣି ସାଧାରଣ ସ୍ଥିତିକୁ ଫେରନ୍ତୁ।

**୩. ଭୁଜଙ୍ଗାସନ**

୧. ପେଟ ମାଡ଼ି ମ୍ୟାଟ୍ ଉପରେ ଶୋଇପଡ଼ନ୍ତୁ।

୨.ଦୁଇ ପାପୁଲିକୁ କାନ୍ଧ ପାଖରେ ଭୂମିରେ ରଖନ୍ତୁ।

୩.ଗଭୀର ନିଶ୍ୱାସ ନେଇ ଧୀରେ ଛାତିକୁ ଉପରକୁ ଉଠାନ୍ତୁ।

୪.ଶରୀରର କ୍ଷମତା ଅନୁଯାୟୀ ବେକକୁ ହାଲୁକା ଭାବେ ପଛକୁ ନିଅନ୍ତୁ।

୫.କିଛି ସେକେଣ୍ଡ ରହି ନିଶ୍ୱାସ ଛାଡ଼ି ପ୍ରାରମ୍ଭିକ ସ୍ଥିତିକୁ ଫେରନ୍ତୁ।

ଯୋଗାସନ ଥାଇରଏଡ୍‌ର ଔଷଧ ନୁହେଁ। ଥାଇରଏଡ୍ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ଓ ନିର୍ଦ୍ଧାରିତ ଔଷଧ ଚାଲୁ ରଖିବା ସହ ଯୋଗାଭ୍ୟାସ କରିବା ଉଚିତ।




# ସ୍ୱାସ୍ଥ୍ୟକୁ ନେଇ ବୟସ୍କଙ୍କ ମଧ୍ୟରେ ଅତ୍ୟଧିକ ଭୟ ଓ ଆତଙ୍କ

ଆଜିକାଲି ବୟସ୍କ ଲୋକମାନଙ୍କ ମଧ୍ୟରେ ନିଜ ସ୍ୱାସ୍ଥ୍ୟକୁ ନେଇ ଅତ୍ୟଧିକ ଭୟ ଓ ଆତଙ୍କ ଦେଖାଯାଉଛି। ଡାକ୍ତରୀ ପରୀକ୍ଷାରେ ସବୁ କିଛି ସାଧାରଣ ଥିଲେ ମଧ୍ୟ, ଅନେକେ ନିଜକୁ ଗୁରୁତର ରୋଗୀ ବୋଲି ଭାବୁଛନ୍ତି। ଏହି ପରିସ୍ଥିତିକୁ ଚିକିତ୍ସା ବିଜ୍ଞାନରେ "ହେଲ୍‌ଥ ଆଙ୍ଗ୍‌ଜାଇଟି" ବୋଲି କୁହାଯାଏ। ଡାକ୍ତରଙ୍କ କହିବା ଅନୁସାରେ, ଅନେକ ବୃଦ୍ଧ ଲୋକ ନିରନ୍ତର ଭାବରେ ହୃଦ୍‌ରୋଗ, ଷ୍ଟ୍ରୋକ୍ କିମ୍ବା କ୍ୟାନ୍ସର ଭଳି ରୋଗ ହେବାର ଭୟରେ ରହୁଛନ୍ତି। ସେମାନେ ଛୋଟ ଛୋଟ ଶାରୀରିକ ପରିବର୍ତ୍ତନକୁ ମଧ୍ୟ ବଡ଼ ରୋଗର ଲକ୍ଷଣ ବୋଲି ଧରିନେଉଛନ୍ତି। ଏହା ଫଳରେ ସେମାନେ ବାରମ୍ବାର ଡାକ୍ତରଙ୍କ ପାଖକୁ ଯାଉଛନ୍ତି ଓ ଅନାବଶ୍ୟକ ଟେଷ୍ଟ କରାଉଛନ୍ତି। ଚିକିତ୍ସାଗତ କାରଣ ମିଳେନାହିଁ ମନୋବିଜ୍ଞାନୀମାନେ କହୁଛନ୍ତି, ଏହା କେବଳ ଶାରୀରିକ ନୁହେଁ, ବରଂ ଗଭୀର ମାନସିକ ସମସ୍ୟା। ଏହାକୁ "ଇଲନେସ ଆଙ୍ଗ୍‌ଜାଇଟି ଡିସଅର୍ଡର" ବୋଲି କୁହାଯାଏ, ଯାହା ପୂର୍ବରୁ "ହାଇପୋକନ୍‌ଡ୍ରିଆ" ନାମରେ ପରିଚିତ ଥିଲା। କେତେକ ଘଟଣାରେ ଏହା "ସୋମାଟିକ ସିମ୍ପଟମ ଡିସଅର୍ଡର" ସହିତ ଜଡିତ ଥାଏ, ଯେଉଁଥିରେ ରୋଗୀ ଶରୀରରେ ଅସୁବିଧା ଅନୁଭବ କରେ, କିନ୍ତୁ ସ୍ପଷ୍ଟ ଚିକିତ୍ସାଗତ କାରଣ ମିଳେନାହିଁ। ଏହି ସମସ୍ୟାର କିଛି ପ୍ରମୁଖ କାରଣ ମଧ୍ୟ ଚିହ୍ନଟ ହୋଇଛି। ବୟସ ବଢ଼ିବା ସହିତ ଏକାକୀତ୍ୱ, ପୂର୍ବରୁ କିଛି ଗୁରୁତର ରୋଗର ଅନୁଭବ, ପରିବାରରେ ରୋଗ ସମ୍ପର୍କିତ ଚିନ୍ତା ଓ ଅଧିକ ସମୟ ଟିଭି କିମ୍ବା ଇଣ୍ଟରନେଟରେ ରୋଗ ବିଷୟରେ ପଢ଼ିବା ଏହି ଭୟକୁ ବଢ଼ାଇଦେଉଛି। ଯେଉଁ କାରଣରୁ ସେମାନେ ରୋଗ ବିଷୟରେ ନିରନ୍ତର ଚିନ୍ତା କରୁଛନ୍ତି। ଯାହା ଦ୍ୱାରା ସେମାନଙ୍କର ହୃଦ୍‌ସ୍ପନ୍ଦନ ବଢ଼ିଯିବା, ନିଦ ନ ଆସିବା ଓ ଅସ୍ଥିରତା ଅନୁଭବ କରିବା ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି। କେତେକ ଲୋକ ଆତଙ୍କରେ ହସ୍ପିଟାଲକୁ ଦୌଡ଼ିଯାନ୍ତି, ଯଦିଓ ତାଙ୍କର ରିପୋର୍ଟ ସାଧାରଣ ଥାଏ। ବିଶେଷଜ୍ଞମାନଙ୍କ ମତାନୁସାରେ, ଏହାର ସର୍ବୋତ୍ତମ ଚିକିତ୍ସା ହେଉଛି "କଗ୍ନିଟିଭ ବିହେଭିଅରାଲ ଥେରାପି"। ଏହି ଥେରାପି ମାଧ୍ୟମରେ ରୋଗୀ ନିଜର ଭୟ ଓ ନେଗେଟିଭ ଚିନ୍ତାକୁ ଚିହ୍ନଟ କରି ସେଥିରେ ପରିବର୍ତ୍ତନ ଆଣିପାରନ୍ତି। ଏହା ସହିତ ଯୋଗ, ଧ୍ୟାନ, ଓ ସାମାଜିକ କାର୍ଯ୍ୟକଳାପ ମଧ୍ୟ ଉପକାରୀ ଅଟେ। ଡାକ୍ତରମାନେ ପରିବାର ସଦସ୍ୟଙ୍କୁ ବୃଦ୍ଧଙ୍କ ସହ ଅଧିକ ସମୟ କଟାଇବାକୁ, ସେମାନଙ୍କ କଥା ଶୁଣିବାକୁ ଓ ମନୋବଳ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ସମୟରେ ମନୋଚିକିତ୍ସକଙ୍କ ପାଖରେ ପରାମର୍ଶ ନେଲେ ଏହି ସମସ୍ୟାକୁ ନିୟନ୍ତ୍ରଣ କରିହେବ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି, ଶାରୀରିକ ସ୍ୱାସ୍ଥ୍ୟ ପରି ମନୋସ୍ୱାସ୍ଥ୍ୟକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ସଚେତନତା ବଢ଼ିଲେ ଏହି ପ୍ରକାର ସମସ୍ୟାର ସମାଧାନ ସହଜ ହେବ।

## ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମରେ GM ନିଯୁକ୍ତିକୁ ନେଇ ସ୍ପଷ୍ଟୀକରଣ ଦାବି

ଭୁବନେଶ୍ୱର: ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମ (OCHC)ରେ General Manager (GM) ଭାବେ ନିଯୁକ୍ତି ସମ୍ପର୍କରେ ସୋସିଆଲ ମିଡ଼ିଆ ମାଧ୍ୟମରେ ଜାଣିବା ପରେ ଏହି ଘଟଣାକୁ ନେଇ ଅନିଲ କୁମାର ନାୟକ ପ୍ରଶ୍ନ ଉଠାଇଛନ୍ତି ।

ନିଜକୁ ଚେୟାରମ୍ୟାନ୍ ଭାବେ ଉଲ୍ଲେଖ କରୁଥିବା ବିଶ୍ୱରଞ୍ଜନ ମହାନ୍ତିଙ୍କ ଦ୍ୱାରା Ref. No. C/OCHC/୦୫/୨୦୨୬, dated ୨୪.୦୮.୨୦୨୬ ରେ ଜାରି ହୋଇଥିବା ଚିଠି ସାମ୍ନାକୁ ଆସିଥିବାବେଳେ, ବର୍ତ୍ତମାନର ଏଗ ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ, OAS ମଧ୍ୟ ଚେୟାରମ୍ୟାନଙ୍କ ସ୍ଥିତି ସମ୍ପର୍କରେ RCS, ଓଡ଼ିଶାଙ୍କୁ ସ୍ପଷ୍ଟୀକରଣ ମାଗିଥିବା ଜଣାପଡ଼ିଛି ।



ODISHA CO-OPERATIVE HOUSING CORPORATION LTD.,
BHUBANESWAR
JANPATH, UNIT-III, BHUBANESWAR – 751001
Phone –0674- 2392387 (O) FAX-2392393,email:ochc_bbsr@rediffmail.com
www.housingcorporation.in GSTIN- 21AAAAO0219L2ZZ

No. C/OCHC/05/2026 Dt 24/08/2026

In pursuance of resolution dt 19/8/2026 of the Committee of Management of Odisha Cooperative Housing Corporation Ltd., Smt. Gayatri Pattnaik, General Manager. in charge is hereby relieved from this Corporation w.e.f. dt 24/08/2026 (A.N.).

Sri Anil Kumar Nayak, Manager I/C shall remain in charge of General Manager. consequent upon relieve of Smt. Gayatri Pattnaik.

Chairman 24/8/26

Memo No. C/OCHC/06/2026 Dt 24/08/2026

Copy forwarded to persons concerned for information and necessary action .

Chairman

Memo No. C/OCHC/07/2026 Dt 24/08/2026

Copy submitted to Commissioner-cum-Secretary Govt., Cooperation Department / Registrar of Cooperative Societies for kind information.

Chairman

ଏହି ପରିସ୍ଥିତିରେ ବର୍ତ୍ତମାନ ଆଇନଗତ ଭାବେ ଅଧିକୃତ ଚେୟାରମ୍ୟାନ୍ କିଏ? ଏବଂ କାହାର କ୍ଷମତାବଳରେ ଏଗ ନିଯୁକ୍ତି କରାଯାଇଛି -ଏହାର ସ୍ପଷ୍ଟ ଉତ୍ତର ସମବାୟ ବିଭାଗ କିମ୍ବା ସକ୍ଷମ କର୍ତ୍ତୃପକ୍ଷଙ୍କ ଠାରୁ ଆସିବା ଆବଶ୍ୟକ ବୋଲି ଶ୍ରୀ ନାୟକ ତାଙ୍କ ଚିଠି ରେ ଉଲେଖ କରିଛନ୍ତି । ରାଜ୍ୟ ଗୃହ ସମବାୟ ନିଗମରେ ଏକ ବଡ଼ ପରିବର୍ତ୍ତନ ହୋଇଛି । ନିଗମର General Manager (GM) ପଦରେ ଦାୟିତ୍ୱ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି । ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ, OASଙ୍କ ଛୁଟି କରିଦେଲେ ରାଜ୍ୟ ଗୃହ ନିର୍ମାଣ ସମବାୟର ପରିଚାଳନା କମିଟି ! ଶ୍ରୀ ଅନିଲ କୁମାର ନାୟକଙ୍କୁ ନୂତନ General Manager (GM) ଭାବେ ଦାୟିତ୍ୱ ଦିଆ ଯାଇଛି ବୋଲି ଖବର ମିଳିଛି । ନିଗମର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା, ଗୃହ ସମବାୟ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ବଢ଼ାଇବା ଏବଂ ନିଗମର ବିଭିନ୍ନ କାର୍ଯ୍ୟକୁ ଗତିଶୀଳ କରିବା ଦିଗରେ ନୂତନ



ଏଗଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ହେବ। ଏ ପରିବର୍ତ୍ତନକୁ ନେଇ ସମବାୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ, RCS, ଓଡ଼ିଶାଙ୍କ ପଦକ୍ଷେପ ଉପରେ ସମସ୍ତଙ୍କ ନଜର । ସେ କହିଛନ୍ତି, ସରକାରୀ ସ୍ପଷ୍ଟୀକରଣ ନ ଆସିବା ପର୍ଯ୍ୟନ୍ତ ମୁଁ ରାଜ୍ୟ ସରକାରଙ୍କ ସହିତ ଅଛି ଏବଂ ସମବାୟ ବିଭାଗର ନିର୍ଦ୍ଦେଶକୁ ସମ୍ମାନ କରୁଛି । କିନ୍ତୁ ଯେଉଁ ଆଦେଶର ବୈଧତା ଓ କ୍ଷମତା ସ୍ପଷ୍ଟ ନୁହେଁ, ତାହାକୁ ମୁଁ ଗ୍ରହଣ କରିବି ନାହିଁ ବୋଲି ଚିଠି ରେ ଲେଖିଛନ୍ତି । ଏହି ଘଟଣାରେ RCS, ଓଡ଼ିଶାଙ୍କ ପକ୍ଷରୁ ଶୀଘ୍ର ଏକ ସ୍ପଷ୍ଟ ଓ ଲିଖିତ ଉତ୍ତର ଦିଆଯାଇ ସମସ୍ତ ଦ୍ୱନ୍ଦ୍ୱର ଅବସାନ କରାଯିବାକୁ ଦାବି କରାଯାଇଛି ।

### ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘର ବିଚିତ୍ର ଅବସ୍ଥା !

## ୮ ମାସ ଧରି ହୋଇନାହିଁ ପରିଚାଳନା କମିଟି ବୈଠକ

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘର ପରିଚାଳନା ବ୍ୟବସ୍ଥାକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି । ସୂଚନା ଅନୁସାରେ, ଦୀର୍ଘ ଆଠ ମାସ ଧରି ପରିଚାଳନା କମିଟିର ବୈଠକ ହୋଇନାହ । ଏହା ଫଳରେ ସଂଘର ସାଧାରଣ ପ୍ରଶାସନିକ ଓ ସାଂଗଠନିକ କାର୍ଯ୍ୟକଳାପକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସବୁଠାରୁ ବିଚିତ୍ର କଥା ହେଉଛି—ନିର୍ବାଚନ ସମୟରେ 'ସମବାୟ', କିନ୍ତୁ ନିର୍ବାଚନ ସରିବା ପରେ 'MS & ME'! ଯେଉଁ ସଂସ୍ଥାର ଗଠନ ଓ ନିୟମ ସମବାୟ ବିଭାଗ ଅଧୀନରେ, ତାହାର ପରିଚାଳନାରେ ଅନ୍ୟ ବିଭାଗର ହସ୍ତକ୍ଷେପ କାହିଁକି—ଏହା ଏବେ ବଡ଼ ପ୍ରଶ୍ନ। ସମବାୟ ସଂସ୍ଥା ପାଇଁ ଆଇନ ଓ ନିୟମ ତିଆରି କରିବ ସମବାୟ ବିଭାଗ, କିନ୍ତୁ ସଂସ୍ଥା ପରିଚାଳନା କରିବ ଅନ୍ୟ ବିଭାଗ—ଏ କି ପ୍ରକାରର ବିଚିତ୍ର ଆଇନ ଓ ବ୍ୟବସ୍ଥା? ସଂଘର ପରିଚାଳନା କମିଟି ବୈଠକ ନିୟମିତ ଭାବେ ଡକାଯାଉନଥିବାର କାରଣ, ଅନ୍ୟ ବିଭାଗର ହସ୍ତକ୍ଷେପର ଆଇନଗତ ଆଧାର ଏବଂ ସଂଘର ବର୍ତ୍ତମାନ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମବାୟ ବିଭାଗ ସ୍ପଷ୍ଟୀକରଣ ଦେବା ଆବଶ୍ୟକ। ସମବାୟ ସଂସ୍ଥାକୁ ରାଜନୈତିକ କିମ୍ବା ବିଭାଗୀୟ ହସ୍ତକ୍ଷେପରୁ ମୁକ୍ତ ରଖି, ସମବାୟ ଆଇନ ଓ ବାଇ-ଲ' ଅନୁଯାୟୀ ପରିଚାଳନା କରିବା ସହିତ ତୁରନ୍ତ ପରିଚାଳନା କମିଟି ବୈଠକ ଡକାଇବାକୁ ଦାବି କରାଯାଉଛି ।

### ସ୍ୱୟଂ ସହାୟିକା ଗୋଷ୍ଠୀ ଟଙ୍କା ଆତ୍ମସାତ

## ମହିଳା ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ପାରଳାଖେମୁଣ୍ଡି: ସ୍ୱୟଂ ସହାୟକ ଗୋଷ୍ଠୀ ଜଟଙ୍କା ଓ ସୁନା ସଂଗ୍ରହ କରି ଆତ୍ମସାତ୍ କରିବା ଅଭିଯୋଗରେ ପାରଳାଖେମୁଣ୍ଡି ପୋଲିସ ଜଣଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସିଦ୍ଧ କୁମାର ଓରଫ ସିଦ୍ଧ ଆରାଧ୍ୟା ଓରଫ ଲକି(୩୦)। ତାଙ୍କ ଘର ପାରଳାଖେମୁଣ୍ଡି ବସନ୍ତ ବିହାର ଅଞ୍ଚଳରେ। ସେ ହାଇଦ୍ରାବାଦ ୟୁସଫଗୁଡ଼ା ହାଇଲାମ କଲୋନୀରେ ରହୁଥିଲେ। ଏନେଇ ମୁକୁଦା-ଆମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ସାମିନ ବେଗମ ଗତ ଜୁନ ୧୧ରେ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ. ୨୧୨୬ରେ ମାମଲା ରୁଜୁ କରି



ତଦନ୍ତ ଜାରି ରଖିଥିଲା। ଅଭିଯୋଗ ଅନୁଯାୟୀ, ସ୍ୱୟଂ ସହାୟକ ଗୋଷ୍ଠୀର କ୍ଷେତ୍ର ସଂଯୋଜକ ଏସ. ସ୍ୱାତୀ କେତେ ଜଣ ବ୍ୟକ୍ତିଙ୍କ ସହ ମିଶି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ସଞ୍ଚୟ, ଋଣ କିସ୍ତି ଓ ଅନ୍ୟାନ୍ୟ ଜମା ଟଙ୍କା ସଂଗ୍ରହ କରୁଥିଲେ। ପ୍ରାୟ ୮୦ ଲକ୍ଷ ଟଙ୍କା ଏବଂ ୧୧୦ ଗ୍ରାମ ସୁନା ସେ ସଂଗ୍ରହ କରିଥିବା ଜଣାପଡିଛି। ଅଧିକ ଋଣ, ସଦସ୍ୟଙ୍କ ପିଲାଙ୍କୁ ଚାକିରି ଓ ଅନ୍ୟାନ୍ୟ ସୁବିଧା ଦେବା ପ୍ରତିଶ୍ରୁତିରେ ଏସବୁ ସେ ସଂଗ୍ରହ କରିଥିବା ଅଭିଯୋଗକାରୀ କହିଛନ୍ତି। ତେବେ ସଦସ୍ୟଙ୍କ ଟଙ୍କା ଓ ସୁନା ଫେରସ୍ତ ନ କରି ଗତ ଜାନୁଆରୀ ୭ରେ ଏସ. ସ୍ୱାତୀ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ସମୟରେ ଏଥିରେ ସିଦ୍ଧ କୁମାରଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ସେ ହାଇଦ୍ରାବାଦରେ ଥିବା ଜାଣି ହାଇଦ୍ରାବାଦ ଯାଇ ପୋଲିସର ଏକ ଟିମ୍ ତାଙ୍କୁ ୨୯ ତାରିଖ ରାତି ୨ଟାରେ ସେଠାରୁ ତାଙ୍କୁ ଗିରଫ କରିଥିଲା। ହାଇଦ୍ରାବାଦ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ତାଙ୍କୁ ପାରଳାଖେମୁଣ୍ଡି ଅଣାଯାଇଥିଲା। ରବିବାର ଅଭିଯୁକ୍ତଙ୍କୁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଏସ. ସ୍ୱାତୀଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

## ୨୧ ବିଭାଗକୁ ଅର୍ଥ ବିଭାଗର ପତ୍ର, ୨,୨୪୮ କୋଟି ତୁରନ୍ତ ଫେରାଅ

ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ୨୧ଟି ବିଭାଗ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥ ଖର୍ଚ୍ଚ କରିପାରି ନ ଥିବାରୁ ଏବେ ସମସ୍ୟା ସୃଷ୍ଟି ହୋଇଛି। ୨୦୨୫-୨୬ ଆର୍ଥିକବର୍ଷର ୨,୨୪୮କୋଟି ଟଙ୍କା ତୁରନ୍ତ ଫେରାଇବା ଲାଗି ଅର୍ଥ ବିଭାଗ ପକ୍ଷରୁ ସମ୍ପୃକ୍ତ ବିଭାଗକୁ କୁହାଯାଇଛି। ଏ ସଂକ୍ରାନ୍ତରେ ଅଗଷ୍ଟ ୧୮ରେ ଅର୍ଥ ବିଭାଗ ଅନୁସଚିବ ସୁନୈନା ସିଂ ପତ୍ର ଲେଖି ଦର୍ଶାଇଛନ୍ତି, ଅର୍ଥ ବିଭାଗର ନିଷ୍ପତ୍ତିକ୍ରମେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍ଏସ୍)ରେ ୨୦୨୫-୨୬ ଆର୍ଥିକବର୍ଷରେ ଯେଉଁ ଅର୍ଥ ବିଭାଗଗୁଡ଼ିକ ଖର୍ଚ୍ଚ କରିପାରି ନାହାନ୍ତି ତୁରନ୍ତ ଫେରାଇବାକୁ ହେବ। ଅନୁସଚିବ ସିଂ ପତ୍ରରେ କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଙ୍ଗଲ ଓ ପରିବେଶ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ଗୃହ ଓ ନଗର ଉନ୍ନୟନ, ମିଶନଶକ୍ତି, ପଞ୍ଚାୟତିରାଜ, ଯୋଜନା ଓ ସଂଯୋଜନ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଏସ୍ଏସ୍ଇପିଡି, ଏସ୍ସିଏସ୍ଟି, ଜଳସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ ଏବଂ ପୂର୍ତ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ତୁରନ୍ତ ସିଙ୍ଗଲ୍ ନୋଡାଲ ଏଜେନ୍ସି(ଏସ୍ଏନ୍ଏ) ଆକାଉଣ୍ଟର ବଳକା ଅର୍ଥ ଫେରାଇବାକୁ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍ଏସ୍)ରେ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୨୧ଟି ବିଭାଗ ୨ହଜାର ୨୪୮କୋଟି ଟଙ୍କା ଖର୍ଚ୍ଚ କରିପାରି ନ ଥିଲେ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିତବର୍ଷ କିପରି ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍ଏସ୍)ରେ ୨୫ହଜାର କୋଟି ଟଙ୍କା ଆସିବ ତାକୁ ନେଇ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଜୁଲାଇ ୨୧ରେ ସବୁ ବିଭାଗର ସଚିବଙ୍କୁ ତାଗିଦା କରିଥିଲେ। ସମସ୍ତ ସିଏସ୍ଏସ୍ କାର୍ଯ୍ୟକାରୀ ବିଭାଗ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ସହ ନିୟମିତ ସମନ୍ୱୟ ରଖି କେନ୍ଦ୍ରୀୟ ଅଂଶର ସର୍ବାଧିକ ଅର୍ଥ କିଭଳି ମିଳିବ ସେଥିନେଇ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବଜେଟରେ ଧାର୍ଯ୍ୟ ୪୦,୦୪୦ କୋଟି ଟଙ୍କାରୁ ଅତି କମରେ ୨୫,୦୦୦ କୋଟି ଟଙ୍କା ଯେଭଳି ଆଦାୟ ହୋଇପାରିବ ତାହାକୁ ଗୁରୁତ୍ୱ ଦେବାକୁ ହେବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଅର୍ଥ ଫେରାଇବାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର ଧରିଛି।

## ଯାଆଁଳା ଓ ଖଣ୍ଡଗିରି PACS ପରିଦର୍ଶନ କରି ସମିତିର ସମୀକ୍ଷା କଲେ ଅତିରିକ୍ତ ଶାସନ ସଚିବ

ଭୁବନେଶ୍ୱର: ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ ଭୁବନେଶ୍ୱର ସର୍କଲ ଅନ୍ତର୍ଗତ ଯାଆଁଳା ଏବଂ ଖଣ୍ଡଗିରି ପ୍ରାଥମିକ କୃଷି ସମବାୟ ସମିତି (PACS) ପରିଦର୍ଶନ କରି ସମିତିଗୁଡ଼ିକର ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ସେ ସାର ଯୋଗାଣ ଓ ବିକ୍ରୟ ସ୍ଥିତି, ବିକ୍ରୟ ରେଜିଷ୍ଟର, ଛଜ ଉକ୍ସର ମାଧ୍ୟମରେ ଅର୍ଥ ପ୍ରଦାନ ବ୍ୟବସ୍ଥା ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହିତ ଡଇଉଫଗୁଡ଼ିକର ଡେ-ବୁକ୍, ରେକର୍ଡପତ୍ର ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ପ୍ରତ୍ୟକ୍ଷ ଯାଞ୍ଚ ମଧ୍ୟ କରିଥିଲେ।ସମିତିର କାର୍ଯ୍ୟରେ ସ୍ୱଚ୍ଛତା, ଡିଜିଟାଲ୍ ଲେନଦେନ ଏବଂ ନିୟମିତ ରେକର୍ଡ ପରିଚାଳନା ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ସାହୁ ବିକ୍ରୟ କାର୍ଯ୍ୟ କେବଳ ଚଡଫ ମେସିନ୍ ମାଧ୍ୟମରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଅର୍ଥ ପ୍ରଦାନ ବ୍ୟବସ୍ଥାକୁ ଛଜ ଉକ୍ସର ମାଧ୍ୟମରେ କଡ଼ାକଡ଼ି ଭାବେ ସମ୍ପାଦନ କରିବା ସହ ଲେନଦେନରେ ପୂର୍ଣ୍ଣ ସ୍ୱଚ୍ଛତା ଓ ଜବାବଦେହିତା ନିଶ୍ଚିତ କରିବାକୁ ସେ ସମିତି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ।ଏହି ପରିଦର୍ଶନ ଦ୍ୱାରା ଡଇଉଫଗୁଡ଼ିକର କାର୍ଯ୍ୟକଳାପକୁ ଅଧିକ ସ୍ୱଚ୍ଛ, ଡିଜିଟାଲ୍ ଓ ଜନମୁଖୀ କରିବା ଦିଗରେ ବିଭାଗର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି।









# ଓଡ଼ିଶାରେ ହେବ ବୃହତ୍ ଶିଳ୍ପ ନିବେଶ ଭିତ୍ତିଭୂମି ପ୍ରକଳ୍ପ




ଭୁବନେଶ୍ୱର: ଓଡ଼ିଶାରେ ବୃହତ୍ ଶିଳ୍ପ ନିବେଶ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ରହୁଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋର ଅଧ୍ୟକ୍ଷା ଉଷା ପାଢ଼ୀ, ଶକ୍ତି, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ସମେତ ଅର୍ଥ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ ଓ ପରିବହନ, ଜଳ ସଂପଦ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ଇଡକୋ, ଓଡ଼ିଶା ଖଣି ନିଗମ, ଇପିକଲ, ଟିପିସିଓଡିଏଲ ଆଦିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ନ୍ୟାସନାଲ ଆଲୁମିନିୟମ କମ୍ପାନି (ନାଲକୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଦାନୀ ଗ୍ରୁପ୍ କର୍ପୋରେଟ୍ ବ୍ୟାପାର ସଭାପତିଙ୍କ ଉପସ୍ଥିତିରେ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଭବିଷ୍ୟତ ନିବେଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସରକାରୀ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନାଲକୋ ସମ୍ପର୍କିତ ଆଲୋଚନାରେ ସ୍ମେଲ୍‌ଟର ଓ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟର ବ୍ରାଉନଫିଲ୍‌ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ' କୋଇଲା ଖଣି ଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନ ଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଆଦି ବିଷୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ଏହାସହ ଆଦାନୀ ଗ୍ରୁପ୍‌ର ଓଡ଼ିଶାରେ ଚାଲୁଥିବା ଓ ପ୍ରସ୍ତାବିତ ବିଭିନ୍ନ ନିବେଶ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବନ୍ଦର ଓ ବନ୍ଦର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଶକ୍ତି, ଆଲୁମିନିୟମ୍, ସିମେଣ୍ଟ, କୋଲ୍ ଗ୍ୟାସିଫିକେସନ୍, ଡାଟା ସେଣ୍ଟର, ଖଣି, ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଓ ପ୍ରକଳ୍ପ ଯୋଜନା ଉପସ୍ଥାପିତ ହୋଇଥିଲା। ବିଶେଷକରି ଧାମରା ଓ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଆର୍ଥିକ କରିଡର ଓ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ସମ୍ପର୍କରେ ଆବଶ୍ୟକତା ଓ ସମ୍ଭାବନା ନେଇ ଆଲୋଚନା ହୋଇଥିଲା। ଜମି ଆବଶ୍ୟକତା, ଅଧିଗ୍ରହଣ, ସଡ଼କ ଓ ରେଳ ସଂଯୋଗ, ଉପକୂଳ ନିୟନ୍ତ୍ରଣ ଅଂଚଳ ସମ୍ପର୍କିତ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ବୃହତ୍ ନିବେଶ ପାଇଁ ଅନୁକୂଳ ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇ ଦେଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ, ରାଜ୍ୟର ଶିଳ୍ପ ବିକାଶ, ନିବେଶ ବୃଦ୍ଧି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଥିଲେ। ପ୍ରକଳ୍ପଗୁଡ଼ିକ ସହ ଜଡ଼ିତ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ, ନାଲକୋ, ଆଦାନୀ ଗ୍ରୁପ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି ସମୟବଦ୍ଧ ଓ ଫଳପ୍ରଦ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନୁଗୋଳ, କୋରାପୁଟ,ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼, କଟକ ଓ ଭଦ୍ରକ ଆଦି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ଡେରୀ କୋ-ଅପ୍ ଜାଏଣ୍ଟ, ଅମୂଲ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଡେରୀ ବ୍ରାଣ୍ଡ ଭାବରେ ନାମିତ

ନୂଆଦିଲ୍ଲୀ: ସଦ୍ୟତମ ବ୍ରାଣ୍ଡ ଫାଇନାନ୍ସ ଫୁଡ୍ ଆଣ୍ଡ୍ ଡ୍ରିଙ୍କ ୨୦୨୬ ଅଧ୍ୟୟନରେ ଅମୂଲକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଡେରୀ ବ୍ରାଣ୍ଡ ଭାବରେ ସ୍ଥାନ ଦିଆଯାଇଛି, ଯାହା ଭାରତର ପ୍ରତିଷ୍ଠିତ ଡେରୀ କୋ-ଅପରେଟିଭ୍ ବ୍ରାଣ୍ଡ ପାଇଁ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହି ରାଙ୍କିଂ ବିଶ୍ୱର ପ୍ରମୁଖ ଖାଦ୍ୟ, ଅଣ-ଆଲକୋହଲିକ୍ ପାନୀୟ ଏବଂ ଡେରୀ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କର ମୂଲ୍ୟ ଏବଂ ଶକ୍ତି ଉପରେ ମୂଲ୍ୟାଙ୍କନ କରେ। ଅମୂଲର ବ୍ରାଣ୍ଡ ମୂଲ୍ୟ ୨୨ ପ୍ରତିଶତ ବୃଦ୍ଧି ପାଇ ୫ ବିଲିୟନ ଆମେରିକୀୟ ଡଲାର ହୋଇଛି, ଯେତେବେଳେ ଏହାର ବ୍ରାଣ୍ଡ ଷ୍ଟ୍ରେନ୍ଥ ଇଣ୍ଡେକ୍ସ (ଇଝଓ) ସ୍କୋର ୧୦୦ ରୁ ୯୩.୦ ରେ ରହିଛି, ଯାହା ଏହାକୁ ଇଇଇ+ ବ୍ରାଣ୍ଡ ଷ୍ଟ୍ରେନ୍ଥ ରେଟିଂ ପ୍ରଦାନ କରିଛି। ଏହି ବ୍ରାଣ୍ଡ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଖାଦ୍ୟ ବ୍ରାଣ୍ଡ ମଧ୍ୟରେ ଦ୍ୱିତୀୟ ସ୍ଥାନ, ସବୁଠାରୁ ମୂଲ୍ୟବାନ ଡେରୀ ବ୍ରାଣ୍ଡ ମଧ୍ୟରେ ଚତୁର୍ଥ ଏବଂ ବିଶ୍ୱସ୍ତରରେ ସବୁଠାରୁ ମୂଲ୍ୟବାନ ଖାଦ୍ୟ ବ୍ରାଣ୍ଡ ମଧ୍ୟରେ ୧୩ତମ ସ୍ଥାନ ମଧ୍ୟ ହାସଲ କରିଛି। ଏହା ବିଶ୍ୱର ଶ୍ରେଷ୍ଠ ୫୦ ଟି ଖାଦ୍ୟ ବ୍ରାଣ୍ଡ ମଧ୍ୟରେ ସ୍ଥାନ ପାଇଥିବା ଏକମାତ୍ର ଭାରତୀୟ ବ୍ରାଣ୍ଡ। ସମବାୟ ଆନ୍ଦୋଳନ ପାଇଁ ଏହି ସ୍ୱୀକୃତି ଗୁରୁତ୍ୱପୂର୍ଣ୍ଣ କାରଣ ଅମୂଲର ଅଭିବୃଦ୍ଧି ଲକ୍ଷ ଲକ୍ଷ ଦୁଗ୍ଧ ଚାଷୀଙ୍କ ସହିତ ଘନିଷ୍ଠ ଭାବରେ ଜଡିତ, ଯେଉଁମାନେ ଏହାର ବ୍ୟବସାୟ ମଡେଲର ମୂଳଦୁଆ ଗଠନ କରନ୍ତି। ଅମୂଲ ଉତ୍ପାଦ ବଜାର କରୁଥିବା ଗୁଜରାଟ ସମବାୟ କ୍ଷୀର ବିପଣନ ମହାସଂଘ (ଏଉଗଗର) ର ୧୮ ସଦସ୍ୟ ୟୁନିଅନ, ପ୍ରାୟ ୧୮,୬୦୦ ଗ୍ରାମ କ୍ଷୀର ସମବାୟ ସମିତି ଏବଂ ୩.୬୪ ନିୟୁତ ଉତ୍ପାଦକ ସଦସ୍ୟ ଅଛନ୍ତି।

## ଫସଲ ସରଂକ୍ଷଣ ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ: ମନ୍ତ୍ରୀ

ଭୁବନେଶ୍ୱର: ସମଗ୍ର ଓଡ଼ିଶା ଏକ କୃଷି ପ୍ରଧାନ ଅଞ୍ଚଳ ଭାବେ ଜଣାଶୁଣା। କୃଷିଜାତ ଦ୍ରବ୍ୟ ଉତ୍ପାଦନ ସହ ଏହାର ବିକ୍ରିବଟା ରାଜ୍ୟର ଅଧିକ ପରିବାରକୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିଆସୁଛି। ତେବେ ଖୋର୍ଦ୍ଧାଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା ଓ ବାଣପୁର ବ୍ଲକ୍‌ରେ କୃଷି ଓ ଉଦ୍ୟାନକୃଷିର ଭରପୂର ସୁଯୋଗ ରହିଛି। ଏଠାକାର ଜଳବାୟୁ ଓ ମୃତ୍ତିକା ନଡ଼ିଆ, ଆମ୍ବ, ପଣସ, କାଜୁ ଠାରୁ ଆରମ୍ଭ କରି ଧାନ, ମୁଗ, ମାଣ୍ଡିଆ, କାଙ୍ଗୁ, ବାଇଗଣ, ପୋଟଳ, କାଙ୍କଡ଼ ଆଦି ବିଭିନ୍ନ ଫଳ, ଶସ୍ୟ ଓ ପନିପରିବା ପାଇଁ ବେଶ ଉପଯୋଗୀ। ତେଣୁ, କୃଷି ଓ ଉଦ୍ୟାନକୃଷି କ୍ଷେତ୍ରରେ ଚିଲିକା ନିର୍ବାଚନ ମଣ୍ଡଳୀର କିଭଳି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ, ସେଥିନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା କୃଷି, ଉଦ୍ୟାନକୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ କୃଷି ଓ ଉଦ୍ୟାନକୃଷିକୁ ଏକ ମର୍ଯ୍ୟାଦାଜନକ ସ୍ଥିତିରେ ପହଞ୍ଚାଇବାକୁ ହେଲେ ଏକ ସମନ୍ୱିତ ମଡେଲ ବ୍ୟବସ୍ଥାକୁ ଆପଣାଇବାକୁ ହେବ। ଏଠାକାର ମୃତ୍ତିକା ଓ ଜଳବାୟୁର ସ୍ଥିତିକୁ ଅନୁଧ୍ୟାନ କରି ଭଲ ଉତ୍ପାଦନ ହୋଇପାରୁଥିବା ଫସଲ ଉତ୍ପାଦନ ନେଇ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ବାଣପୁର ଅଞ୍ଚଳରେ



ଉତ୍ପାଦିତ ମୁଗର ସ୍ୱାଦ ଓ ଗୁଣ ବେଶ ପ୍ରସିଦ୍ଧ। ସେହିଭଳି ଭାବେ ଚିଲିକା ଉପକୂଳ ଅଞ୍ଚଳରେ ନଡ଼ିଆ ଗଛ ଭଲ ବଢ଼ିବାର ସମ୍ଭାବନା ରହିଛି। ଏସବୁକୁ ଅନୁଧ୍ୟାନ କରି ବିଭିନ୍ନ ଫଳ, ପରିବା ସହ ବଜାରରେ ଅଧିକ ଚାହିଦା ଥିବା ଧାନ ଏବଂ ଶ୍ରୀଅନ୍ନ ଉତ୍ପାଦନ ବଢ଼ାଇବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଫସଲ ସରଂକ୍ଷଣ ନେଇ ଆବଶ୍ୟକ ସ୍ଥାନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଜୈବିକ କୃଷି ଉପରେ ଅଧିକ ଗବେଷଣା ସହିତ ଅଞ୍ଚଳରେ ଫୁଲ ଚାଷ, ଛତୁଚାଷ, ପଶୁଖାଦ୍ୟ ଉତ୍ପାଦନ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବଓ ଏଥି ସହିତ ବିକଶିତ ଓଡିଶା ଗଠନ ନେଇ ରାଜ୍ୟ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି ତାହାକୁ ପୂରଣ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅଞ୍ଚଳରେ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ତାଲିମ ଶିବିର ଆୟୋଜନ, ଚାଷୀମାନଙ୍କୁ ଦିଆଯାଉଥିବା ରିହାତି ଯୋଜନା ସମ୍ପର୍କରେ କହିବା ସହ କୃଷି, ଉଦ୍ୟାନକୃଷି ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଖୋର୍ଦ୍ଧାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ମିଶ୍ର, ଉଦ୍ୟାନକୃଷି ସହକାରୀ ନିର୍ଦ୍ଦେଶକ ଶ୍ରେୟା ଶାଶ୍ୱତୀ, ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ସୃଷ୍ଟି ନନ୍ଦଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 6372 495 819, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ